Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୫, ଭୁବନେଶ୍ୱର, ୬ ରୁ ୧୨ ମେ', ୨୦୨୪ Vol-1, Issue-25, Bhubaneswar, 6 to 12 May , 2024

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ବନ୍ଧନ
ସୁ-ସମ୍ପର୍କ ଗଢେ

ALL TYPES OF INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257

ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

# ନାମାଙ୍କନ ଦାଖଲ କଲେ ମନ୍ମଥ ଓ ଅପରାଜିତା

**ଭୁବନେଶ୍ୱର (ଭିଓଭି):** ଭୁବନେଶ୍ୱର ଲୋକସଭା ଆସନ ନିମନ୍ତେ ନାମାଙ୍କନ ଦାଖଲ କରିଛନ୍ତି ଦୁଇ ହେଭିୱେଟ ନେତା। ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ବିଜେଡିର ମନ୍ମଥ ରାଉତରାୟ ଏକ ବିରାଟ ଶୋଭାଯାତ୍ରାରେ ନିଜ ହଜାର ହଜାର ସମର୍ଥକଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଛନ୍ତି। ତେବେ ନାମାଙ୍କନ ଦାଖଲ ବେଳେ ଉଭୟ ପ୍ରାର୍ଥୀଙ୍କ ସମର୍ଥକ ମୁହାଁମୁହିଁ ହୋଇଥିବା ବେଳେ କିଛି ସମୟ ପାଇଁ ପରିସ୍ଥିତି ଅଶାନ୍ତ ହୋଇ ପଡ଼ିଥିଲା।





ବିଜେପିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ସକାଳେ ପ୍ରଥମେ ନିଜ ବାସଭବନରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମର୍ଥକଙ୍କ ସହ ମା' ଭୁଆଷୁଣି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ନିଜ ସମର୍ଥକଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଖୋଲା ଜିପ୍‌ରେ ଯାଇଥିଲେ। ଏହି ସମୟରେ ଅପରାଜିତା ଏକ ବିଶାଳ ରୋଡ ଶୋ' କରିଥିବା ବେଳେ ତାଙ୍କର ହଜାର ହଜାର ସମର୍ଥକ ଏଥିରେ ସାମିଲ ହୋଇଥିଲେ। ଏହାପରେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ଅପରାଜିତାଙ୍କ ପାଖେପାଖେ ତାଙ୍କ ପୁଅ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ସମର୍ଥକ ପ୍ରିୟଦର୍ଶୀ ମିଶ୍ର, ପ୍ରଶାନ୍ତ ଜଗଦ୍ଦେବ, ବାବୁ ସିଂ ପ୍ରମୁଖ ନାମାଙ୍କନ ଦାଖଲ ବେଳେ ଉପସ୍ଥିତ ଥିଲେ।

ସେହିପରି ଭୁବନେଶ୍ୱର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସକାଳୁ ସକାଳୁ ଲିଙ୍ଗରାଜ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଶୀର୍ବାଦ ନେଇ ନାମାଙ୍କନ ପାଇଁ ବାହାରିଥିଲେ ମନ୍ମଥ। ତେବେ ନାମାଙ୍କନ ଦାଖଲ ପୂର୍ବରୁ ମନ୍ମଥ ଲିଙ୍ଗରାଜ ମନ୍ଦିରରୁ ଦୌଡ଼ି ଦୌଡ଼ି ଜଟଣୀରେ ପହଞ୍ଚିଥିଲେ। ଏହାପରେ ଗୋଡ଼ିପୋଖରୀ ଛକରୁ ନିଜ ସମର୍ଥକଙ୍କ ସହ ଶଗଡ଼ ଜରିଆରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ତାଙ୍କ ସମର୍ଥକମାନେ ପାଇକ ବେଶରେ ସଜ୍ଜିତ ହୋଇଥିବା ବେଳେ ଶଙ୍ଖ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠିଥିଲା। ସେଠାରୁ ମନ୍ମଥ ବିରାଟ ଶୋଭାଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ । ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଭୟ ବିଜେପି ଓ ବିଜେଡି ପ୍ରାର୍ଥୀ ନାମାଙ୍କନ ଦାଖଲ କରୁଥିବା ବେଳେ ବାହାରେ ଉପୁଜିଥିଲା ମୁହାଁମୁହିଁ ସ୍ଥିତି । ଅପରାଜିତା ଷଡ଼ଙ୍ଗୀ ଓ ମନ୍ମଥ ରାଉତରାୟଙ୍କ ସମର୍ଥକ ମୁହାମୁହିଁ ହୋଇଥିଲେ। ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ହୋହଲ୍ଲାରେ ପ୍ରକମ୍ପିତ ହେଉଥିବା ବେଳେ ସ୍ଥିତି ଅଶାନ୍ତ ହୋଇ ପଡ଼ିଥିଲା। ଏହାକୁ କେନ୍ଦ୍ର କରି କାର୍ଯ୍ୟାଳୟ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଖୋର୍ଦ୍ଧା ଏସ୍‌ପି, ଡିଏସ୍‌ପିଙ୍କ ସମେତ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିବା ବେଳେ ପରେ ଏସ୍‌ପି ଉଭୟ ପକ୍ଷଙ୍କ ସହ ଆଲୋଚନା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ନିର୍ବାଚନ ଅଧିକାରୀ ଉଭୟ ପ୍ରାର୍ଥୀଙ୍କୁ ଏକ ସମୟରେ ପ୍ରାର୍ଥିପତ୍ର ଦାଖଲ ଅନୁମତି କେମିତି ଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଭୟ ଦଳର ଶହ ଶହ ସମର୍ଥକ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ବି ସେମାନଙ୍କୁ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରାଯାଇନି । ପ୍ରଶାସନର ପରିଚାଳନାଗତ ତ୍ରୁଟି ପାଇଁ ଏଭଳି ସ୍ଥିତି ହୋଇଥିବା ଚର୍ଚ୍ଚା ହେଉଛି। ମେ ୨୫ ତାରିଖରେ ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ମତଦାନ ହେବ। ତେବେ ଏଥର କାହାର ବାଜିମାତ ହେବ, କିଏ ଯିବ ସଂସଦ ତାହା ଉପରେ ସମସ୍ତଙ୍କ ନଜର।

# ୨୫ବର୍ଷ ପରେ ଆମେଠିରୁ ନାହାଁନ୍ତି ଗାନ୍ଧି ପରିବାର

**ନୂଆଦିଲ୍ଲୀ:** ବହୁ ପରୀକ୍ଷା-ନିରୀକ୍ଷା ପରେ ଶେଷରେ ଆମେଠି ଓ ରାଏବରେଲୀ ଆସନରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି କଂଗ୍ରେସ। ଅନ୍ତିମ ପର୍ଯ୍ୟାୟରେ ଆମେଠି ପାଇଁ କେଏଲ ଶର୍ମା ଓ ରାଏବରେଲୀରୁ ରାହୁଲ ଗାନ୍ଧିଙ୍କୁ ଟିକେଟ୍ ଦେଇଛି ଦଳ। ଏହି ଟିକେଟ୍ ଘୋଷଣା ସହ କଂଗ୍ରେସ ୨୫ ବର୍ଷ ରାଜନୈତିକ ସମୀକରଣରେ ପରିବର୍ତ୍ତନ ଆଣିଛି।



୧୯୯୮ ଅର୍ଥାତ୍ ୨୫ ବର୍ଷ ପରେ ଆମେଠି ଆସନରୁ ଗାନ୍ଧି ପରିବାର ନିର୍ବାଚନ ଲଢୁନାହାନ୍ତି। ୧୯୯୯ରେ ସୋନିଆ ଗାନ୍ଧି କଂଗ୍ରେସରୁ ଆମେଠି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେ ସଞ୍ଜୟ ସିଂହଙ୍କୁ ୩ ଲକ୍ଷରୁ ଅଧିକ ଭୋଟରେ ପରାସ୍ତ କରି ସାଂସଦ ହୋଇଥିଲେ। ଏହାପରେ ପୁଅକୁ ଛାଡିଥିଲେ ମୈଦାନ।

୨୦୦୪ରେ ୧୪ତମ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ପ୍ରଥମ ଥର ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ସେ ବିଏସପି ପ୍ରାର୍ଥୀ ଚନ୍ଦ୍ରପ୍ରକାଶ ମିଶ୍ରାଙ୍କୁ ୨ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରି ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ମଧ୍ୟ ରାହୁଲ ଗାନ୍ଧି ଆମେଠି ଆସନରୁ ବିଜୟୀ ହୋଇଥିଲେ।

୨୦୧୪ରେ ରାହୁଲ ଗାନ୍ଧି ପୁଣି କ୍ରମାଗତ ତୃତୀୟ ଥର ପାଇଁ ଏହି ଆସନରୁ ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ। ଏହି ବର୍ଷ ସ୍ମୃତି ଇରାନୀ ରାହୁଲ ଗାନ୍ଧିଙ୍କ ବିପକ୍ଷରେ ବିଜେପି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏକ ଲକ୍ଷ ଭୋଟ ବ୍ୟବଧାନରେ ସ୍ମୃତି ଇରାନୀଙ୍କୁ ପରାସ୍ତ କରିଥିଲେ ରାହୁଲ ଗାନ୍ଧି। ଏହା ପରେ ଆମେଠିରେ ବଦଳି ଯାଇଥିଲା କଂଗ୍ରେସର ଭାଗ୍ୟ। ୨୦୧୪ର ବଦଲା ୨୦୧୯ରେ ନେଇଥିଲେ ସ୍ମୃତି ଇରାନୀ।

କଂଗ୍ରେସର ଏହି ଗଡ଼ରୁ ରାହୁଲ ଗାନ୍ଧିଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜେପି ପକ୍ଷରୁ ବିଜୟୀ ହୋଇଥିଲେ ସ୍ମୃତି ଇରାନୀ। ଆଏ ଏବେ ଅର୍ଥାତ୍ ୨୦୨୪ରେ ନିଜର ସମୀକରଣ ବଦଳାଇ ଦେଇଛି କଂଗ୍ରେସ। ପ୍ରଥମ କରି ୨୫ ବର୍ଷ ମଧ୍ୟରେ ଦଳ ଗାନ୍ଧି ପରିବାରର କୌଣସି ଚେହେରାଙ୍କୁ ଆମେଠି ଆସନରୁ ପ୍ରାର୍ଥୀ କରିନାହିଁ। ଏଥର କେଏଲ ବା କିଶୋର ଲାଲ ଶର୍ମାଙ୍କୁ କଂଗ୍ରେସ ଆମେଠି ପାଇଁ ବାଛିଚି। କିଶୋର ଲାଲ ଗାନ୍ଧି ପରିବାରର ଖୁବ୍ ଘନିଷ୍ଠ ବୋଲି କୁହାଯାଉଛି। ସେ ରାଜୀବ ଗାନ୍ଧିଙ୍କ ଖୁବ୍ ନିକଟତର ଥିଲେ। ଦୀର୍ଘ ଚାରି ଦଶନ୍ଧି ଧରି କଂଗ୍ରେସ ଓ ଗାନ୍ଧି ପରିବାର ସହ ଜଡ଼ିତ ଅଛନ୍ତି କିଶୋର ଲାଲ।

# ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ମହିଳା ସଶକ୍ତିକରଣ ଦିଗରେ ସୁପ୍ରିମକୋର୍ଟଙ୍କ ବଡ଼ ପଦକ୍ଷେପ। ବାର୍ ଆସୋସିଏସନ୍‌ରେ ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ଦେଲେ ନିର୍ଦ୍ଦେଶ। ମେ' ୧୬ ରେ ହେବାକୁ ଥିବା ସୁପ୍ରିମକୋର୍ଟର ବାର୍ ଆସୋସିଏସନ୍ ନିର୍ବାଚନର ଠିକ୍ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଆସିଛି। ସୁପ୍ରିମକୋର୍ଟର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ କେବି ବିଶ୍ୱନାଥନଙ୍କ ଖଣ୍ଡପୀଠ ବିଡି କୌଶିକଙ୍କ ମାମଲାରେ ଦିଆଯାଇଥିବା ପୁରୁଣା ରାୟକୁ ସ୍ପଷ୍ଟ କରିବାକୁ ଯାଇ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ସୁପ୍ରିମକୋର୍ଟ ବାର୍ ଆସୋସିଏସ୍‌ନର କୋଷାଧ୍ୟକ୍ଷ ପଦକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯିବ। ବର୍ତ୍ତମାନ SCBA ଅଧିକାରୀଙ୍କ ମଧ୍ୟରେ ପଦାଧିକାରୀ ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ପଦ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ସୁପ୍ରିମକୋର୍ଟ ବାର ଆସୋସିଏସନରେ ସିନିୟର ଆଡଭୋକେଟଙ୍କ ପାଇଁ ତିଆରି ସିନିୟର ଏଗ୍‌ଜିକ୍ୟୁଟିଭର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇ ଜଣ ଏବଂ ଜେନେରାଲ୍ ଏଗ୍‌ଜିକ୍ୟୁଟିଭ୍‌ର ନଅ ଜଣଙ୍କ ମଧ୍ୟରୁ ତିନିଜଣ ମହିଳାଙ୍କ ପାଇଁ ସଂରକ୍ଷିତ ରହିବେ। ଆସନ୍ତା ମେ' ୧୬ ତାରିଖରେ ହେବାକୁ ଥିବା ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନରେ ପ୍ରଥମ ଥର ପାଇଁ ଏହି ନିର୍ଦ୍ଦେଶର ପାଳନ କରାଯିବ। ମେ' ୧୮ ତାରିଖରେ ଏହି ନିର୍ବାଚନର ଫଳାଫଳ ଘୋଷଣା ହେବ।

# ସଂ ପା ଦ କୀ ୟ

୬ ରୁ ୧୨ ମେ’ ୨୦୨୪

## ଜାଗ୍ରତ ହେବାର ସମୟ !

ଗତ ବର୍ଷ ‘ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ’ ବା ‘ଇ.ଡି.’ ବିରୋଧରେ ଆଗତ ଏକ ମାମଲାର ଶୁଣାଣି କରି ଗଲା ୧୫ ତାରିଖରେ ମୁମ୍ବାଇ ଉଚ୍ଚ ଅଦାଲତ ପକ୍ଷରୁ ପ୍ରଦତ୍ତ ଏକ ରାୟରେ ରାତ୍ରିକାଳୀନ ପ୍ରଶାନ୍ତ ନିଦ୍ରାକୁ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ସକାଶେ ସଂବିଧାନ ସ୍ୱୀକୃତ ଏକ ମେ ?ଳିକ ଅଧିକାର ରୂପେ ଅଭିହିତ କରାଯାଇଛି। ପ୍ରକାଶ ଥାଉ କି ଏକ ବ୍ୟାଙ୍କ ଜାଲିଆତି ଅଭିଯୋଗ କାରଣରୁ ଇ.ଡି. ପକ୍ଷରୁ ସମନ ପ୍ରାପ୍ତ ଚଉଷଠି ବର୍ଷ ବୟସ୍କ ଜନେ ?କ ବ୍ୟବସାୟୀ ନିର୍ଦ୍ଦେଶାଳୟର ଦପ୍ତରରେ ଦୀର୍ଘ କୋଡ଼ିଏ ଘଣ୍ଟାର କ୍ଳାନ୍ତିକର ପ୍ରତୀକ୍ଷା ପରେ ଯେତେବେଳେ ରାତ୍ର ୧୦ଟାରୁ ଭୋର ୩ଟା ପର୍ଯ୍ୟନ୍ତ ତଦନ୍ତକାରୀ ଦଳର ପ୍ରଶ୍ନବାଣ ଦ୍ୱାରା ଜର୍ଜର ହେଲେ, ଅଗତ୍ୟା ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା ଏବଂ ତାଙ୍କର ନିଦ୍ରା ଯିବାର ଅଧିକାରକୁ ‘ଇ.ଡି.’ କ୍ଷୁଣ୍ଣ କରିଛି ବୋଲି ଦର୍ଶାଇ ସେ ଅଦାଲତର ଆଶ୍ରୟ ନେଇଥିଲେ। ସୁସ୍ଥ ଜୀବନଯାପନ ସକାଶେ ସମ୍ୟକ ନିଦ୍ରା ଏକାନ୍ତ ଅପରିହାର୍ଯ୍ୟ ହୋଇଥିବା ବେଳେ ସଂପ୍ରତି ବିଭିନ୍ନ କାରଣରୁ, ଭାରତ ସମେତ ପୃଥିବୀର ସର୍ବତ୍ର, ‘ଶାନ୍ତ ଶୟନ’ ବା ‘ପରିପୂର୍ଣ୍ଣ ନିଦ୍ରା’ ଏକ ସୁଦୂର ପରାହତ ସ୍ୱପ୍ନରେ ପରିଣତ ହୋଇଥିବା ଏକ ବିଡ଼ମ୍ବନାର ବିଷୟ। ଏହି ଦୃଷ୍ଟିରୁ ନିଦ୍ରା ଯିବାର ମୌଳିକ ଅଧିକାରକୁ ସାବ୍ୟସ୍ତ କରି ଆସିଥିବା ଅଦାଲତୀ ନିର୍ଣ୍ଣୟ ଏକ କ୍ଷୁଦ୍ର ଆଲୋଚନା ଲାଗି ଅବକାଶ ସୃଷ୍ଟି କରିଥାଏ।


ଆଜିକୁ ପଚସ୍ତରି ବର୍ଷ ପୂର୍ବରୁ, ଯେତେବେଳେ ନିଦ୍ରାହୀନତା ଆଦୌ ଏକ ଚିନ୍ତା ଉଦ୍ରେକକାରୀ ବିଷୟ ନ ଥିବ, ଭାରତର ସଂବିଧାନ ପ୍ରଣେତାମାନେ, ନିଦ୍ରା ଯିବାର ଅଧିକାରକୁ ‘ଧାରା ୨୧’ (‘ବଞ୍ଚିବାର ଅଧିକାର’)ରେ ଅନ୍ତର୍ଭୁକ୍ତ କରି ଯେଉଁ ଅପୂର୍ବ ସଂବେଦନଶୀଳ ପୁରୋଦୃଷ୍ଟିର ପରିଚୟ ପ୍ରଦାନ କରିଛନ୍ତି, ତାହାର ପଟାନ୍ତର ନାହିଁ। ଏହାର ଅର୍ଥ କୌଣସି ଭାରତୀୟଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ କୌଣସି ଆଳରେ ବା ବଳପୂର୍ବକ ଆବଶ୍ୟକ ଅବଧିର ନିଦ୍ରାରୁ ବଞ୍ଚିତ କରି ରଖାଯାଇପାରିବ ନାହିଁ। ‘ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ’ ଅନୁସାରେ ସୁସ୍ଥ ଜୀବନଯାପନ ଲାଗି ଦୈନିକ ସାତରୁ ଆଠ ଘଣ୍ଟାର ନିଦ୍ରା ଆବଶ୍ୟକ। ଉଲ୍ଲେଖଯୋଗ୍ୟ ଯେ ଜାତିସଂଘର ‘ସାର୍ବଜନୀନ ମାନବିକ ଅଧିକାର ଘୋଷଣାପତ୍ର’ରେ ମଧ୍ୟ ବ୍ୟାଘାତହୀନ ନିଦ୍ରାକୁ ଅନ୍ତର୍ଭୁକ୍ତ କରାଯାଇଛି। ଅନେକ ରାଷ୍ଟ୍ରରେ ଯଦିଓ ଏହା, ଭାରତ ତୁଲ୍ୟ, ସଂବିଧାନ-ସ୍ୱୀକୃତ ନୁହେଁ, ତଥାପି ବିଭିନ୍ନ ଆଇନ ବଳରେ ସେଠାକାର ନାଗରିକମାନଙ୍କ ଲାଗି ନିଦ୍ରାକୁ ସହଜଲଭ୍ୟ କରିବାର ଉଦ୍ୟମ ହୋଇଛି; ଯେମିତି ୨୦୦୧ ମସିହାର ‘ୟୁରୋପିଆନ୍ କୋର୍ଟ ଅଫ୍ ହ୍ୟୁମାନ ରାଇଟ୍ ?ସ’ର ଏକ ରାୟ ପରେ ରାତ୍ରିର ବିଳମ୍ବିତ ପ୍ରହରରେ ହିଥ୍ରୋ ବିମାନ ବନ୍ଦରରେ ବିମାନଗୁଡ଼ିକର ଉଡ଼ାଣ ଓ ଅବତରଣକୁ ନିଷେଧ କରାଯାଇଛି, କାରଣ ସେମାନଙ୍କ ବିକଟ ଗର୍ଜନ ଲଣ୍ଡନବାସୀଙ୍କ ସୁନିଦ୍ରାରେ ବ୍ୟାଘାତ ଘଟାଉଥିଲା। ସେହି ଭଳି ୨୦୧୭ ମସିହାରେ ଫ୍ରାନ୍ ?ସର ଏକ ଆଇନ ନିର୍ଦ୍ଧାରିତ କାର୍ଯ୍ୟ-ସମୟ ପରେ ଦପ୍ତରରୁ ଆସୁଥିବା ଡାକରା (ଫୋନ୍ କଲ୍)କୁ କର୍ଣ୍ଣପାତ ନ କରିବାର ଅଧିକାର ପ୍ରଦାନ କରିଛି। ଅନେକ ରାଷ୍ଟ୍ରରେ ଏହା ପ୍ରଚଳିତ, ଯାହାକୁ ‘ରାଇଟ୍ ଟୁ ଡିସକନେକ୍ଟ’ ବା ‘ଅସଂଯୁକ୍ତ ରହିବାର ଅଧିକାର’ ବୋଲି ଅଭିହିତ କରାଯାଇଥାଏ। ଇତିମଧ୍ୟରେ ଫ୍ରାନ୍ ?ସକୁ ଅନୁସରଣ କରି ଇଟାଲୀ, ବେଲଜିଅମ, ସ୍ପେନ, ପର୍ତ୍ତୁଗାଲ ଏବଂ ଅଷ୍ଟ୍ରେଲିଆରେ ମଧ୍ୟ ସମତୁଲ ଆଇନଗତ ପ୍ରାବଧାନ ଅଣାଗଲାଣି; ଉଦ୍ଦେଶ୍ୟ ନାଗରିକମାନଙ୍କ ନିଦ୍ରା ଅପହୃତ ହେବାରୁ ଓ କାଳେ ତାହା ଅପହୃତ ହୋଇଯିବ, ତଜ୍ଜନିତ ଉଦ୍‌ବେଗରୁ ମୁକ୍ତ ରଖିବା। କିନ୍ତୁ ବିଡ଼ମ୍ବନାଟି ହେଲା, ରାଷ୍ଟ୍ରର ଉଦ୍ୟମ ସତ୍ତ୍ୱେ ସାଂପ୍ରତିକ ଦ୍ରୁତ ଜୀବନଯାପନ ଶୈଳୀ ସୌଜନ୍ୟରୁ ବ୍ୟକ୍ତିକୁ ମିଳିଥିବା ମାନସିକ ଚାପ ଠାରୁ ଆରମ୍ଭ କରି ବୈଦ୍ୟୁତିକ ଉଦ୍ଦୀପନା ପର୍ଯ୍ୟନ୍ତ ଅନେକ ପୁରସ୍କାର ନୈଶ-ଜୀବନକୁ ତନ୍ଦ୍ରାହୀନ କରି ସାରିଲେଣି। ସୁତରାଂ, ନିଦ୍ରାହୀନତାଜନିତ ଅନେକ ଗୁରୁତର ବ୍ୟାଧି ଓ ଉପସର୍ଗ ଏକ ନିୟମିତ ବ୍ୟାପାରରେ ପରିଣତ ହୋଇ ଚିନ୍ତା ସୃଷ୍ଟି କଲାଣି। ତେବେ, ଏକ କ୍ଳାନ୍ତିକର ଦିନଚର୍ଯ୍ୟା ପରେ ନିଦ୍ରା କେବଳ ମାତ୍ର ଏକ ବିଶ୍ରାମର ଅବସର ନୁହେଁ, ଏହା ହେଉଛି ଶରୀରର କ୍ଷତ ଭରଣା, ପୀଡ଼ା ମୋଚନ ସହିତ ସାମଗ୍ରିକ ଭାବେ ଶରୀରକୁ ସଂରକ୍ଷଣ କରି ରଖିବାରେ ଏକ ଈଶ୍ୱର ପ୍ରଦତ୍ତ ଶକ୍ତି। ଅର୍ଥାତ୍ ମୂଳ କଥା ହେଲା ସମ୍ୟକ ନିଦ୍ରା ଅତ୍ୟନ୍ତ ଜରୁରୀ ଏବଂ ଭାରତରେ ଏହା ଏକ ମୌଳିକ ଅଧିକାର ହୋଇଥିବାରୁ ସଚେତନ ନାଗରିକମାନଙ୍କ ଲାଗି ନିଦ୍ରା ବ୍ୟାପାରରେ ଜାଗ୍ରତ ହେବାର ସମୟ ବା ଉଠିବାର ବେଳ ଅବତୀର୍ଣ୍ଣ ହୋଇଛି ବୋଲି କୁହାଯାଇପାରିବ !

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସମ୍ବିଧାନ ବଦଳିବାର ଭୟ !

**ସରଳ କୁମାର ଦାସ**




ପ୍ରଧାନମନ୍ତ୍ରୀଙ୍କ ଦମ୍ଭୋକ୍ତି ‘ଏଇ ଥର, ଚାରି ଶହ ପାର’ ପରିପ୍ରେକ୍ଷୀରେ ବିଶ୍ଳେଷକମାନେ ତହିଁର ନିହିତାର୍ଥ ବୁଝିବା ଲାଗି ଭିନ୍ନ ଭିନ୍ନ ପ୍ରକାରେ ତର୍ଜମା କରୁଛନ୍ତି। ଏହା ହୁଏତ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଆତ୍ମବିଶ୍ୱାସର ସଂକେତ ହୋଇପାରେ ବା ଦଳୀୟ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବା ଲାଗି ଏହା ଏକ ଉଦ୍ୟମ ମଧ୍ୟ ହୋଇପାରେ ନା ଏହା ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ! ଦର ବୃଦ୍ଧି ଓ ବେକାରି ଭଳି ଉତ୍କଟ ସମସ୍ୟାଗୁଡ଼ିକ କାରଣରୁ ଜନତାଙ୍କ ରୋଷ ବୃଦ୍ଧି ପାଇଥିବାରୁ ୪୦୦ରୁ ଅଧିକ ଆସନ ପାଇବା ସହଜସାଧ୍ୟ ହୋଇ ନ ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଏଭଳି ଉଦ୍‌ଘୋଷଣା ପଛରେ ଆଉ କିଛି ଅଭିସନ୍ଧି ଥାଇପାରେ ବୋଲି ବିରୋଧୀ ପକ୍ଷଙ୍କ ଅନୁମାନ। ସେମାନେ କହନ୍ତି ଯେ ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ୪୦୦ରୁ ଅଧିକ ଆସନ ଅର୍ଥାତ୍ ସଂପୂର୍ଣ୍ଣ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଭ କରି ସଂବିଧାନକୁ ବଦଳାଇବା ଲାଗି ସରକାର ଉଦ୍ୟମ କରିବେ। ତେଣୁ ଏ ସଂଦର୍ଭରେ ଏକ ଆଲୋଚନା କରାଯିବା ଉଚିତ।

ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ ପରେ ବିଜେପି ସଂବିଧାନକୁ ବଦଳାଇ ସମାଜର ଦଳିତ, ପଛୁଆ ତଥା ବଞ୍ଚିତ ବର୍ଗର ଅଧିକାରକୁ ସେମାନଙ୍କ ଠାରୁ ଛଡ଼ାଇ ନେବାକୁ ଚାହୁଁଛି କି ? କିନ୍ତୁ ଏଭଳି ବଖାଣଟିଏ ଏବେ ପ୍ରସାରିତ ହେବାରେ ଲାଗିଛି; ଯାହା ସେହି ବର୍ଗର ଲୋକଙ୍କ ମନରେ ଭୟ ଉଦ୍ରେକ କରିବା ପାଇଁ ଯଥେଷ୍ଟ। ଅବଶ୍ୟ ସଂବିଧାନ ପରିବର୍ତ୍ତନ ନେଇ ଆଲୋଚନା ରହିଛି ବୋଲି ବିତର୍କଟିଏ କିଛି ଦିନ ଧରି ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ମତରେ (୨୦୨୩ରେ ତାଙ୍କ ଲିଖିତ ଏକ ଆଲେଖ୍ୟ ଅନୁସାରେ) ଲିଖିତ ସଂବିଧାନଗୁଡ଼ିକର ହାରାହାରି ବୟସ ୧୭ ବର୍ଷ ହୋଇଥାଏ। ସୁତରାଂ, ବର୍ତ୍ତମାନର ସଂବିଧାନ ସ୍ଥାନରେ ଏକ ନୂଆ ସଂବିଧାନର ଆବଶ୍ୟକତା ଉପୁଜିଲାଣି। ନିକଟରେ ଏକାଧିକ ବିଜେପି ନେତା ସଂବିଧାନ ବଦଳାଇବା ସପକ୍ଷରେ ଦୃଢ଼ ମତ ରଖିଛନ୍ତି। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ଠିକ୍ ପୂର୍ବରୁ କର୍ଣ୍ଣାଟକର ବିଜେପି ସାଂସଦ ଅନନ୍ତ ହେଗ୍‌ଡ଼େ ମାର୍ଚ୍ଚ ମାସର ଆଦ୍ୟ ଭାଗରେ କହିଲେ ଯେ କଂଗ୍ରେସ ସଂବିଧାନକୁ ବଦଳାଇ ସେଥିରେ ଯେଉଁ ସବୁ ହିନ୍ଦୁତ୍ୱ ବିରୋଧୀ ପ୍ରାବଧାନ ପୂରାଇଛି, ସେ ସବୁକୁ ଦୂର କରି ସଂବିଧାନକୁ ବଦଳାଇବା ଲାଗି ବିଜେପିକୁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ଏହା ପରେ ପରେ ରାଜସ୍ଥାନର ନାଗୌର ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଜ୍ୟୋତି ମିର୍ଦ୍ଧା, ଉତ୍ତର ପ୍ରଦେଶସ୍ଥିତ ଫୈଜାବାଦର ସାଂସଦ ଲାଲୁ ସିଂହ ଓ ମିରଟ ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଅରୁଣ ଗୋଭିଲ ମଧ୍ୟ ଅନୁରୂପ ମତ ପ୍ରଦାନ କରିଛନ୍ତି। ଯଦିଓ ବିଜେପି ପକ୍ଷରୁ କୁହାଯାଉଛି ଯେ ଏହା ସେମାନଙ୍କ ବ୍ୟକ୍ତିଗତ ମତ ଓ ଦଳ ସେଥିରେ ସହମତ ନୁହେଁ, ସେମାନଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କରା ନ ଯିବା କାରଣରୁ ଦଳର ଆଭିମୁଖ୍ୟ ନେଇ ମଧ୍ୟ ସନ୍ଦେହ ଉଠୁଛି।

ବିଜେପିର ଦଳୀୟ ସଂବିଧାନର ଧାରା ୩ ଅନୁଯାୟୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ‘ଏକାତ୍ମ ମାନବବାଦ’ ପୁସ୍ତକଟିରେ ଉଲ୍ଲିଖିତ ଚିନ୍ତନଗୁଡ଼ିକ ହେଉଛି ଦଳର ମୌଳିକ ଦର୍ଶନ। ଏଥିରେ ଧର୍ମକୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇଛି। ବସ୍ତୁତଃ, ଏହା ବିଧାୟିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାଙ୍କ ଠାରୁ ଉଚ୍ଚତର, ଏପରିକି ଜନସାଧାରଣଙ୍କ ଠାରୁ ମଧ୍ୟ ଉପରେ। ଅନ୍ୟ ପକ୍ଷରେ ଭାରତୀୟ ସଂବିଧାନରେ ଜନସାଧାରଣଙ୍କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇଛି। ପୁସ୍ତକଟି ଅନୁସାରେ ଧର୍ମ ବିରୋଧରେ କାର୍ଯ୍ୟ କରିବାର କୌଣସି ଅଧିକାର ଜନସାଧାରଣଙ୍କ ନିକଟରେ ନାହିଁ। ସଂବିଧାନରେ ଥିବା ଧର୍ମନିରପେକ୍ଷତା ଶବ୍ଦ ହିଁ ତ୍ରୁଟିପୂର୍ଣ୍ଣ ଅଟେ। ରାଷ୍ଟ୍ର ପାଇଁ ଧର୍ମ ହିଁ ପ୍ରୟୋଜନୀୟ ସର୍ତ୍ତ, ଯେଉଁ କାରଣରୁ କୌଣସି ବିଷୟ ଧର୍ମ ଆଧାରିତ ହୋଇ ନ ଥିଲେ, ତାହା ଗ୍ରହଣୀୟ ହୋଇ ନ ପାରେ। ତେଣୁ ଧର୍ମନିରପେକ୍ଷତାକୁ କୌଣସି ପ୍ରକାରେ ଗ୍ରହଣ କରାଯାଇ ନ ପାରେ। ଏହି ଠାରେ ଭାରତୀୟ ସଂବିଧାନର ମୂଳ ଢାଞ୍ଚା ସହ ‘ଏକାତ୍ମ ମାନବବାଦ’ ଦର୍ଶନର ସିଧାସଳଖ ସଂଘା ?ତ ପରିଲକ୍ଷିତ ହୁଏ। କେବଳ ସେତିକି ନୁହେଁ ପୁସ୍ତକରେ ଜାତୀୟ ଏକତାକୁ ଭାରତର ରାଷ୍ଟ୍ର ଧର୍ମ ରୂପେ ଗ୍ରହଣ କରାଯାଇଥିବାରୁ କୌଣସି ପ୍ରକାର ବିବିଧତାକୁ ସ୍ୱୀକାର କରିବା ସମସ୍ୟାଯୁକ୍ତ ହୋଇପାରେ। ତେଣୁ, ଭାରତର ସଂବିଧାନର ସଂରଚନାକୁ ସଂଘୀୟ (ଫେଡେରାଲ୍)ରୁ ଐକାନ୍ତିକ (ୟୁନିଟାରି) ବ୍ୟବସ୍ଥାକୁ ବଦଳାଇବାର ଆବଶ୍ୟକତା ରହିଛି, ଯେଉଁଥିରେ ରାଜ୍ୟଗୁଡ଼ିକର କୌଣସି ପ୍ରକାର ଆଇନ ପ୍ରଣୟନ କରିବାର କ୍ଷମତା ରହିବ ନାହିଁ। ତେଣୁ, ଅନେକ ବିଶ୍ଳେଷଣକାରୀ କହନ୍ତି ଯେ ଏଭଳି ଦର୍ଶନଗତ ବିଭେଦ କାରଣରୁ ବିଜେପି ଦଳ ସୁଯୋଗ ପାଇଲେ ସଂବିଧାନରେ ପରିବର୍ତ୍ତନ ଆଣିବାକୁ କୁଣ୍ଠିତ ହେବ ନାହିଁ।

ସଂବିଧାନକୁ ସଂଶୋଧନ କରିବା ଲାଗି ତିନି ପ୍ରକାର ପ୍ରାବଧାନ ରହିଛି। ପ୍ରଥମଟି ହେଲା ?, ସଂସଦର ଉଭୟ ସଦନରେ ସାଧାରଣ ସଂଖ୍ୟାଗରିଷ୍ଠତା (ଅର୍ଦ୍ଧାଧିକ ସଦସ୍ୟ) ଜରିଆରେ ସଂବିଧାନକୁ ସଂଶୋଧନ କରାଯାଇଥାଏ। ଦ୍ୱିତୀୟ ପ୍ରକାରରେ ସଂସଦରେ ଉପସ୍ଥିତ ଥାଇ ଭୋଟ୍ ଦେଉଥିବା ସଦସ୍ୟଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସଦସ୍ୟ ସଂଶୋଧନ ସପକ୍ଷରେ ଭୋଟ୍ ଦେଲେ କେତେକ ସଂଶୋଧନ କରିବା ସମ୍ଭବ ହୁଏ। ତେବେ ଏହି ପ୍ରକ୍ରିୟାରେ ସଂଘୀୟ ବ୍ୟବସ୍ଥାକୁ ପ୍ରଭାବିତ କଲା ଭଳି କୌଣସି ସଂଶୋଧନ ହୋଇପାରି ନ ଥାଏ। ତୃତୀୟ ପ୍ରକାରେ, ସଂସଦର ଉଭୟ ସଦନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ ଅର୍ଦ୍ଧେକ ରାଜ୍ୟ ବିଧାନସଭାର ସମ୍ମତି ସଂବିଧାନ ସଂଶୋଧନ ଲାଗି ଲୋଡ଼ା ଯାଇଥାଏ। ରାଷ୍ଟ୍ରପତିଙ୍କ ନିର୍ବାଚନ, କେନ୍ଦ୍ର ଓ ରାଜ୍ୟଗୁଡ଼ିକର କାର୍ଯ୍ୟନିର୍ବାହୀ କ୍ଷମତା, କେନ୍ଦ୍ର ଓ ରାଜ୍ୟଗୁଡ଼ିକର ଆଇନ ପ୍ରଣୟନ କରିବାର ପରିସର, ସଂସଦରେ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏଭଳି ସଂଶୋଧନର କଥା ସଂବିଧାନର ଅନୁଚ୍ଛେଦ ୩୬୮ରେ ରହିଛି। ଅର୍ଥାତ୍ ଏହି ପ୍ରକ୍ରିୟାରେ ରାଜ୍ୟ ତାଲିକାରେ ଥିବା ବିଷୟ ଉପରେ ମଧ୍ୟ କେନ୍ଦ୍ର ଆଇନ ପ୍ରଣୟନ କରିବାକୁ ସମର୍ଥ ହୋଇଥାଏ। ତେବେ, ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥା ପ୍ରଭାବିତ ହୋଇ ରାଜ୍ୟଗୁଡ଼ିକ ତୁଳନାରେ କେନ୍ଦ୍ର ଅଧିକ ଶକ୍ତିଶାଳୀ ହେବାର ଆଶଙ୍କା ଥାଏ।

ଏବେ ‘ଏଥର ବିଜେପି ୩୭୦ ଓ ଏନ୍‌ଡିଏ ୪୦୦ ପାର’ ଭଳି ସ୍ଲୋଗାନଟିର ତର୍ଜମା କରାଯାଉ। ଲୋକସଭାରେ କୌଣସି ଦଳକୁ ନିରଙ୍କୁଶ ବା ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବାକୁ ହେଲେ ତା’ର ୩୬୨ଟି ଆସନ ଆବଶ୍ୟକ। ଅର୍ଥାତ୍ ବିଜେପିର ୩୭୦ ପାର୍ ସ୍ଲୋଗାନର ଆଭିମୁଖ୍ୟ ହେଉଛି ଅନ୍ୟ କୌଣସି ଦଳ ଉପରେ ନିର୍ଭର ନ କରି ସେହି କୁହୁକ ସଂଖ୍ୟାଟି ହାସଲ କରିବା। ଏବଂ ଦଳ ଏହି ଲକ୍ଷ୍ୟ ହାସଲ କରିବାକୁ ଅସମର୍ଥ ହେଲେ ମେଣ୍ଟ ପାଇଁ ଧାର୍ଯ୍ୟ ହୋଇଥିବା ୪୦୦ ପାର ଦ୍ୱାରା ମଧ୍ୟ ଉଦ୍ଦେଶ୍ୟ ପୂରଣ କରାଯାଇପାରେ। ଲୋକସଭା ପରେ ରାଜ୍ୟସଭାରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଦିଗରେ ପଦକ୍ଷେପ ନିଆଯାଇପାରେ। ରାଜ୍ୟସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ହେଲେ ଦଳକୁ ୧୬୪ଟି ଆସନ ଦଖଲକୁ ନେବାକୁ ହେବ, ଯେଉଁଥି ପାଇଁ ଅଧିକାଂଶ ବଡ଼ ରାଜ୍ୟକୁ ମିଶାଇ ଅନ୍ତତଃ ୨୦ଟି ରାଜ୍ୟରେ ଦଳକୁ ଶାସନ କ୍ଷମତାକୁ ଆସିବାକୁ ହେବ। ଅନେକଙ୍କ ମତରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଗି ବିଜେପିର ବ୍ୟାକୁଳତା ପଛରେ ଥିବା କାରଣ ସଂବିଧାନରେ ସଂଶୋଧନ।

ଏ ଯାବତ୍ ସଂବିଧାନ ୧୦୬ ଥର ସଂଶୋଧିତ ହୋଇସାରିଛି। ତେଣୁ, ଏବେ ସଂବିଧାନ ବଦଳିବା ନେଇ ଉଦ୍‌ବିଗ୍ନ ହେବାର କାରଣ କ’ଣ ବୋଲି ପ୍ରଶ୍ନ କରାଯାଉଛି। ତେବେ ସଂବିଧାନରେ ସଂଶୋଧନ କରିବା ଓ ସଂବିଧାନର ମୂଳ ଢାଞ୍ଚାରେ ପରିବର୍ତ୍ତନ କରି ତା’ର ସମ୍ପୂର୍ଣ୍ଣ ନବୀକରଣ କରାଯିବା ଏକା କଥା ନୁହେଁ। ଅବଶ୍ୟ ବିଜେପିର ଅନେକ ତୁଙ୍ଗ ନେତା ଏ ସଂଦର୍ଭରେ ଆତ୍ମରକ୍ଷାମୂଳକ ମୁଦ୍ରାକୁ ଚାଲି ଆସିଲେଣି। ସଂବିଧାନ ବଦଳାଇ ଦଳିତ ଓ ସଂଖ୍ୟାଲଘୁ ସଂପ୍ରଦାୟକୁ ସୀମାନ୍ତରିତ କରିବା ପାଇଁ ବିଜେପି ସଂବିଧାନ ବଦଳାଇବା ଲାଗି ଉଦ୍‌ଗ୍ରୀବ ଭଳି ଧାରଣା ଅମୂଳକ ବୋଲି ସେମାନେ କହୁଛନ୍ତି।

ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଭୟ ଶାସକ ଓ ବିରୋଧୀ ଦଳ ଶକ୍ତିଶାଳୀ ହେବା ନିହାତି ଆବଶ୍ୟକ। କୁହାଯାଉଛି ଯେ ବିଜେପିର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଦେଶକୁ ମଧ୍ୟ ଶକ୍ତିଶାଳୀ କରିବ। କିନ୍ତୁ ବାସ୍ତବତା ହେଲା, କୌଣସି ଦଳର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଓ ଦେଶ ଶକ୍ତିଶାଳୀ ହେବା ଭିତରେ କେ ?ଣସି ସଂପର୍କ ନାହିଁ। ଆମେରିକାରେ ଦୁଇଟି ଦଳ ନିର୍ବାଚନ ଲଢ଼ନ୍ତି; ଡେମୋକ୍ରାଟିକ୍ ଓ ରିପବ୍ଲିକାନ୍। ସେଠାକାର ନିର୍ବାଚନରେ କେ ?ଣସି ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରୁ ନ ଥିଲେ ମଧ୍ୟ ତାହା ପୃଥିବୀର ସବୁଠାରୁ ଶକ୍ତିଶାଳୀ ଦେଶ। ୧୯୬୯ ମସିହାର ବ୍ୟାଙ୍କ୍ ଜାତୀୟକରଣ ହେଉ, ବା ୧୯୯୧ର ଆର୍ଥିକ ଉଦାରୀକରଣ ଅବା ୧୯୯୯ର ପରମାଣୁ ବୋମା ପରୀକ୍ଷା ନିଷ୍ପତ୍ତି ଭଳି କ୍ରାନ୍ତିକାରୀ ନିର୍ଣ୍ଣୟଗୁଡ଼ିକ ଗ୍ରହଣ କଲାବେଳେ ତତ୍କାଳୀନ ସରକାରଗୁଡ଼ିକ ନିକଟରେ କେବଳ କାମଚଳା ସଂଖ୍ୟାଗରିଷ୍ଠତାର ସୁଯୋଗ ଉପଲବ୍ଧ ଥିଲା, ନିରଙ୍କୁଶ ସଂଖ୍ୟାଗରିଷ୍ଠତା ନୁହେଁ। ଅଧିକନ୍ତୁ, କାମଚଳା ସଂଖ୍ୟାଗରିଷ୍ଠତା ଶାସକକୁ ଜନତାଙ୍କ ପ୍ରତି ଅଧିକ ବିଶ୍ୱସ୍ତ ରହିବାକୁ ବାଧ୍ୟ କରି ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିପାରେ। ସେମିତି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହିତ ଅବାଧ କ୍ଷମତା ଶାସକ ଠାରେ ଏକଛତ୍ରବାଦୀ ମାନସିକତା ସୃଷ୍ଟି କରାଇଥାଏ, ଯହିଁରେ ନାଗରିକ ନିଜର ଅଧିକାରମାନ ହରାଇ ସଂତ୍ରସ୍ତ ହୋଇରହେ। ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସଂବିଧାନରେ ପରିବର୍ତ୍ତନର ଆଶଙ୍କାକୁ ଦୃଢ଼ କରୁଥିବାରୁ ମତ ଦାନ ସମୟରେ କୌଣସି ଦଳ ବା କୌଣସି ଘୋଷିତ/ ଅଘୋଷିତ ମେଣ୍ଟକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପ୍ରଦାନ କରିବା ପୂର୍ବରୁ ଟିକିଏ ସତର୍କତା ଅବଲମ୍ବନ କରନ୍ତୁ ଓ ବିବେଚନାପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ।

ମୋ: ୯୪୩୭୦୩୮୦୧୫

ଭାଗ-୧ । ସଂଖ୍ୟା-୨୫ । ଭୁବନେଶ୍ୱର । ୬ ରୁ ୧୨ ମେ' ୨୦୨୪
Vol-1 | Issue-25 | Bhubaneswar | 6 to 12 May 2024

# ନିଜ ମାଟିର ପୁଅ ହୁଅନ୍ତୁ ଓଡ଼ିଶାର ନେତା: ଏସ୍. ଜୟଶଙ୍କର

**ଭୁବନେଶ୍ୱର (ଭିଓଭି):** କଳା ଓ ସଂସ୍କୃତି କ୍ଷେତ୍ରରେ ସମୃଦ୍ଧ ଓଡ଼ିଶା ନିଜ ନେତା ସୃଷ୍ଟି ପାଇଁ ସକ୍ଷମ। ଓଡ଼ିଶା ଭଳି ରାଜ୍ୟର ନେତା ନିଜ ମାଟିର ପୁଅ ହୁଅନ୍ତୁ। ଏଭଳି ସମୃଦ୍ଧ ରାଜ୍ୟକୁ ତା' ମାଟିର ନେତା ପରିଚାଳନା କରିବା ଉଚିତ। ଓଡ଼ିଆ ଅସ୍ମିତା ସମ୍ପର୍କିତ ପ୍ରଶ୍ନରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆଜି ଏପରି ଢ଼ଙ୍ଗରେ ଉତ୍ତର ରଖିଛନ୍ତି।

ଓଡ଼ିଶା ଗସ୍ତରେ ଆସିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର। ଭୁବନେଶ୍ୱରରେ ଆୟୋଜିତ ସମ୍ପାଦକ ସମ୍ମିଳନୀରେ ସେ ଭାଗ ନେଇଥିଲେ। ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜୟଶଙ୍କର କହିଛନ୍ତି, ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ପ୍ରତିଭାରେ ଭରପୂର ରହିଛି। କ'ଣ ନାହିଁ ଓଡ଼ିଶାରେ ? କିନ୍ତୁ ଓଡ଼ିଶା ସେ ଅନୁପାତରେ ବିକଶିତ ହୋଇଛି କି ? ଆଜିର ଓଡ଼ିଶାକୁ ଦେଖିଲେ ବିକାଶ ହୋଇଥିଲା ଭଳି ଲାଗୁଛି କି ? ଓଡ଼ିଶାର କଳା ଓ ସଂସ୍କୃତି କେତେ



ସମୃଦ୍ଧ, ତାହା କହିବା ଅନାବଶ୍ୟକ। କୋଣାର୍କ ଚକ୍ରକୁ ଜି-୨୦ରେ ସାମିଲ କରାଯିବା ତା'ର ନିଦର୍ଶନ। ଏତେ ସବୁ ଥାଉ ଥାଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଣାର୍କ ଚକ୍ରକୁ କାହିଁକି ବାଛିଲେ ? କଳା, ସଂସ୍କୃତି କ୍ଷେତ୍ରରେ ସମୃଦ୍ଧ ଓଡ଼ିଶା ନିଜ ନେତା ସୃଷ୍ଟି ପାଇଁ ସକ୍ଷମ। ଓଡ଼ିଶା ଭଳି ରାଜ୍ୟର ନେତା ନିଜ ମାଟିର ପୁଅ ହୁଅନ୍ତୁ। ଏଭଳି ସମୃଦ୍ଧ ରାଜ୍ୟକୁ ତା' ମାଟିର ନେତା ପରିଚାଳନା କରିବା ଉଚିତ ବୋଲି ଜୟଶଙ୍କର କହିଛନ୍ତି। ସୀମା ପାର ଆତଙ୍କବାଦକୁ ନେଇ ଏସ୍. ଜୟଶଙ୍କର କହିଛନ୍ତି, ପାକିସ୍ତାନ ପଟୁ ଆସୁଥିବା ସୀମାପାର ଆତଙ୍କର ସମୁଚିତ ଜବାବ ଦିଆଯାଉଛି। ଚୀନ ସୀମାରେ ଆମ ଯବାନମାନେ ଜାଗତିଆର ରହିଛନ୍ତି। ଦେଶ ସୁରକ୍ଷା ନେଇ ମୋଦି ସରକାର କୌଣସି ସାଲିସ୍ କରିବ ନାହିଁ। ମୋଦି ସରକାର ପାଇଁ ଦେଶ ପ୍ରଥମ ଓ ଦେଶର ସୁରକ୍ଷା ପ୍ରଥମ ବୋଲି ଜୟଶଙ୍କର କହିଛନ୍ତି।

ସେ ଆହୁରି କହିଛନ୍ତି, କେହି ଭାରତୀୟ ବାହାର ଦେଶରେ ଫସିଲେ ସେମାନଙ୍କୁ ଉଦ୍ଧାର କରାଯାଉଛି। ୟୁକ୍ରେନ, ସୁଦାନ, ଇସ୍ରାଏଲରୁ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ଓଡ଼ିଶାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରରୁ ଓଡ଼ିଶାକୁ ଅନେକ ସହଯୋଗ ମିଳିଛି। ୧୦ ବର୍ଷ ମଧ୍ୟରେ ୧୮ ଲକ୍ଷ କୋଟିର କେନ୍ଦ୍ରୀୟ ଅନୁଦାନ ମିଳିଛି। ସାଗରମାଳା ପ୍ରକଳ୍ପରେ ୫୪ ହଜାର କୋଟିର ଅନୁଦାନ ମିଳିଛି। ମୋଦିଙ୍କ କାର୍ଯ୍ୟକାଳରେ ୨୦ ପାସ୍‌ପୋର୍ଟ ସପୋର୍ଟ କେନ୍ଦ୍ର ଖୋଲିଛି। ୨.୭ ଲକ୍ଷ ଲୋକଙ୍କୁ ଆବାସ ଯୋଜନାରେ ଘର ମିଳିଛି। ୫୩ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ମିଳିଛି। ସ୍ୱନିଧି ଯୋଜନାରେ ୫୪ ହଜାର ଉପଭୋକ୍ତା ଓଡ଼ିଶାର ଅଛନ୍ତି। ମୋଦିଙ୍କ ବିକାଶକୁ ଆଗେଇ ନେଲା ଭଳି ସରକାର ଏଠି ହେବା ଉଚିତ। ଓଡ଼ିଶା ସହଯୋଗରେ ସଂସଦରେ ୪ ଶହ ପାର୍ ହେବା ବିଶ୍ୱାସ ରହିଛି। ଓଡ଼ିଶାରେ ଥିବା ସଂପଦ ତୁଳନାରେ ରାଜ୍ୟର ବିକାଶ ହୋଇନି। ଚଳିତ ନିର୍ବାଚନରେ ଓଡ଼ିଶା ଲୋକ ମୋଦିଙ୍କୁ ସଶକ୍ତ କରିବେ ବୋଲି ଜୟଶଙ୍କର କହିଛନ୍ତି।

# ବିଜେଡିରୁ ସମୀରଙ୍କ ସମର୍ଥକଙ୍କ ଇସ୍ତଫା



**ଭୁବନେଶ୍ୱର (ଭିଓଭି):** ଶକ୍ତି ପ୍ରଦର୍ଶନ କରି ବିଜେଡି ଛାଡ଼ିଲେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ସମର୍ଥକ। ସମୀରଙ୍କ ଉପସ୍ଥିତିରେ ଭରା ସଭାରେ ସମର୍ଥକମାନେ ଇସ୍ତଫା ନେଇ ଘୋଷଣା କରିଛନ୍ତି। ଆଉ ନିଷ୍ପତ୍ତି ନେବା ପାଇଁ ସମୀରଙ୍କୁ ୨୪ ଘଣ୍ଟା ସମୟ ଦେଇଥିଲେ। ଘଟଣା ସନ୍ଧ୍ୟା ସୁଦ୍ଧା ଶେଷ ନିଷ୍ପତ୍ତି ଜଣାଇବାକୁ ସମୀରଙ୍କୁ ତାଙ୍କ ସମର୍ଥକ ମଧ୍ୟ ସମୟ ଦେଇଛନ୍ତି। କିନ୍ତୁ ଶେଷରେ ସମୀର ବିଜେଡିରୁ ଇସ୍ତଫା ଦେଇନାହାନ୍ତି।

ଅପରାହ୍ନରେ ସମୀର ଦାଶଙ୍କ ସମର୍ଥକମାନେ ନିମାପଡ଼ା ଟାଉନ୍ ହଲ୍ ମୁକ୍ତାକାଶ ରଙ୍ଗମଞ୍ଚରେ ବିଶାଳ ସଭା ଆୟୋଜନ କରିଥିଲେ। ସଭାରେ ୫୮ ଜଣ ଜନ ପ୍ରତିନିଧିଙ୍କ ସମେତ ଶହଶହ ସମର୍ଥକ ଯୋଗଦେଇଥିଲେ। ସଭାରେ ଖୋଦ୍ ସମୀର ରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ। ଭାଷଣବାଜି ପରେ ସମସ୍ତ କର୍ମୀ ବିଜେଡିରୁ ଇସ୍ତଫା ଦେଇଥିଲେ। ସେମାନେ ସାମୁହିକ ଇସ୍ତଫାପତ୍ର ସମୀରଙ୍କୁ ପ୍ରଦାନ କରିଥିଲେ। ଆଉ ଶେଷ ନିଷ୍ପତ୍ତି ନେବା ପାଇଁ ସମୀରଙ୍କୁ ୨୪ ଘଣ୍ଟା ସମୟ ଦେଇଛନ୍ତି ସମର୍ଥକ।

ନିମାପଡ଼ାରୁ ସମୀର ରଞ୍ଜନ ଦାଶ ଲଗାତାର ୩ଟି ଟର୍ମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସମୀର ୨୦୦୯, ୨୦୧୪ ଓ ୨୦୧୯ ମସିହାରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ ଏଥର ବିଜେଡି ତାଙ୍କର ଟିକେଟ କାଟି ଦେଇଛି। ତାଙ୍କ ସ୍ଥାନରେ ଦିଲ୍ଲୀପ ଦାୟକଙ୍କୁ ପ୍ରାର୍ଥୀ କରିଛି ଦଳ। ଏହାକୁ ନେଇ ସମୀରଙ୍କ ସମର୍ଥକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ନିମାପଡ଼ା ବିଧାୟକ ପ୍ରାର୍ଥୀଙ୍କୁ ବଦଳାଇବାକୁ କିଛି ଦିନ ତଳେ ସମୀର ଓ ତାଙ୍କ ସମର୍ଥକମାନେ ବିଜେଡି ସୁପ୍ରିମୋଙ୍କୁ ଅନୁରୋଧ କରିଥିଲେ। ମାତ୍ର କିଛି ଲାଭ ହୋଇ ନଥିଲା। ସୁପ୍ରିମୋଙ୍କ ମନ ଜିଣିବା ପାଇଁ ଶକ୍ତି ପ୍ରଦର୍ଶନ କରିଥିଲେ ସମୀର। ୩୦ ହଜାରରୁ ଅଧିକ ସମର୍ଥକଙ୍କୁ ଏକଜୁଟ୍ କରି ଶକ୍ତି ପ୍ରଦର୍ଶନ କରିଥିଲେ ସେ। ପରେ ବିଭିନ୍ନ ଅଞ୍ଚଳ ବୁଲି ସମର୍ଥକଙ୍କ ସହ ମେଳି କରିଥିଲେ। ସେ ଭାବିଥିଲେ ଶେଷ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ବେଳେ ତାଙ୍କ ନାଁ ଆସିବ। ହେଲେ ସେ ନିରାଶ ହେଲେ। ଶେଷରେ ତାଙ୍କ ସମର୍ଥକମାନେ ସମୂହ ଇସ୍ତଫା ଦେଇଛନ୍ତି। ଶେଷରେ ଆଉ ସମୀର ମଧ୍ୟ ଇସ୍ତଫା ଦେଇଛନ୍ତି।

# ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ସୌମ୍ୟ

**ଭୁବନେଶ୍ୱର (ଭିଓଭି):** ବିଜେଡିରୁ ବହିଷ୍କୃତ ବିଧାୟକ ତଥା ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ କରିବା ପରେ




ସୌମ୍ୟ ଏହି ଘୋଷଣା କରିଛନ୍ତି । ସୌମ୍ୟ ବିଜେପିରୁ ଘସିପୁରା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା, ମାତ୍ର ବିଜେପି ସେଠାରେ ଡଃ ଶମ୍ଭୁନାଥ ରାଉତଙ୍କୁ ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଥିଲା ।

ଆନନ୍ଦପୁରଠାରେ ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୌମ୍ୟ କହିଛନ୍ତି ଯେ, ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଘସିପୁରାର ଲୋକମାନେ ପରାମର୍ଶ ଦେଇଛନ୍ତି। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ଆସନ୍ତା ୬ତାରିଖରେ ସେ ନିଜର ପ୍ରାର୍ଥୀପତ୍ର ଦାଖଲ କରିବେ।

ସୂଚନାଯୋଗ୍ୟ, ସୌମ୍ୟ ଗତ କିଛି ଦିନ ତଳେ କେନ୍ଦୁଝର ଗସ୍ତରେ ଯାଇ ମା'ତାରିଣୀଙ୍କ ଦର୍ଶନ କରିଥିଲେ । ସେହି ସମୟରେ ତାଙ୍କୁ ବିଭିନ୍ନ ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସୌମ୍ୟ ମଧ୍ୟ ବିଜେପି ତାଙ୍କୁ ଘସିପୁରାରୁ ପ୍ରାର୍ଥୀ ହେବାକୁ ପ୍ରସ୍ତାବ ଦେଇଥିବା କଥା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ବିଜେପି ସେଠାରେ ସୌମ୍ୟଙ୍କ ବଦଳରେ ଶମ୍ଭୁନାଥଙ୍କୁ ପ୍ରାର୍ଥୀ କରିଥିଲା ।

ସେହିପରି ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିବା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ବିଜେପି ଟିକେଟ୍ ନଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ବରି ବିଧାନସଭା ଆସନରୁ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ତାଙ୍କ ସହ ବରିବାସୀ ଅଛନ୍ତି । କୌଣସି ଦଳ ତାଙ୍କ ପାଇଁ ବଡ଼ ନୁହେଁ ବରଂ ବରିବାସୀଙ୍କ ସୁଖଦୁଃଖରେ ରହିବାକୁ ସେ ଗୁରୁତ୍ୱ ଦିଅନ୍ତି ବୋଲି କହିଛନ୍ତି ।

## ଖଣ୍ଡପଡ଼ା ପାଇଁ ମହାମେଣ୍ଟ !
## ଏକାଠି ହେଲେ
## ସୌମ୍ୟ-ଅନୁଭବ-ଗୟାଧର !



**ଭୁବନେଶ୍ୱର (ଭିଓଭି):** ନିର୍ବାଚନ ପୂର୍ବରୁ ରୋଚକ ହେଉଛି ଖଣ୍ଡପଡ଼ା ରାଜନୀତି। ଗୋଟିଏ ଛାତ ତଳେ ଦେଖିବାକୁ ମିଳିଛି ବିଜେଡିରୁ ବହିଷ୍କୃତ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଗୟାଧର ପରିଡ଼ାଙ୍କୁ।

ସୋଶାଲ ମିଡିଆ ପ୍ଲାଟଫର୍ମ X' ରେ ଏକ ଫଟୋ ଶେଆର କରିଛନ୍ତି ଅନୁଭବ ପଟ୍ଟନାୟକ। ଏଥିରେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଗୟାଧର ପରିଡ଼ାଙ୍କ ସହିତ ସେ ଅଛନ୍ତି। ଏହି ଫଟୋରେ ଲେଖା ହୋଇଛି- ଖଣ୍ଡପଡ଼ା ପାଇଁ ସ୍ୱାଭିମାନର ଲଢ଼େଇ। ମହାମେଣ୍ଟ ବୋଲି ମଧ୍ୟ ସେ ଏଥିରେ ଲେଖିଛନ୍ତି।

ଏହା ସହିତ ଅନୁଭବ ଲେଖିଛନ୍ତି- ଆସନ୍ତୁ ଲଢ଼ିବା। ଶ୍ରେଷ୍ଠ ଖଣ୍ଡପଡ଼ା ଗଢ଼ିବା। ଆସନ୍ତୁ ଆମେ ସମସ୍ତେ ଏକାଠି ହେବା। ଗଞ୍ଜେଇ ବେପାରୀ, ହତ୍ୟା ଅଭିଯୁକ୍ତଙ୍କ ଧର୍ମପତ୍ନୀଙ୍କୁ ଖଣ୍ଡପଡ଼ାରେ ହରେଇ ଖଣ୍ଡପଡ଼ା ମାଟିର ଶିକ୍ଷିତ, ଯୋଗ୍ୟ ଯୁବକକୁ ଭୋଟ ଦେଇ ଖଣ୍ଡପଡ଼ା ମାଟିରେ ସୁଶାସନ ପ୍ରତିଷ୍ଠା କରିବା।

ଅନୁଭବଙ୍କ ଏହି ସୋଶାଲ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଅନୁଭବ ଓ ଗୟାଧର ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଉଭୟ ଏଥର ଖଣ୍ଡପଡ଼ା ପାଇଁ ବିଜେଡିରୁ ଟିକେଟ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ବିଜେଡି ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବରେ ନାମାଙ୍କନ ଦାଖଲ କରିଛନ୍ତି ଅନୁଭବ ପଟ୍ଟନାୟକ। ସେ ୨୦୧୪ରେ ଖଣ୍ଡପଡ଼ାରୁ ବିଧାୟକ ଥିଲେ। ୨୦୧୯ରେ ତାଙ୍କ ବଦଳରେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି। ଏହା ପରେ ସେ ପାଲଟି ଯାଇଥିଲେ ସୌମ୍ୟଙ୍କର ବିରୋଧୀ। ଗତ ୫ ବର୍ଷରେ ବିଭିନ୍ନ ସମୟରେ ସେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆଉ ଏବେ ତାଙ୍କୁ ସୌମ୍ୟଙ୍କ ସହିତ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତୃଣମୂଳସ୍ତରରେ ଜଣେ ସଂଗଠକ ହେଉଛନ୍ତି ଗୟାଧର ପରିଡ଼ା। ପୂର୍ବରୁ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲେ ସେ। ଭାପୁର ବ୍ଲକ୍ ବିଜେଡି ସଭାପତି ଦାୟିତ୍ୱ ନିର୍ବାହ କରିଛନ୍ତି ସେ। ଏଭଳ ସ୍ଥିତିରେ ସୌମ୍ୟ, ଅନୁଭବ ଓ ଗୟାଧରଙ୍କ ଭେଟଘାଟ ଖଣ୍ଡପଡ଼ା ରାଜନୀତିକୁ ଉଷ୍ମ କରିଛି। ଖଣ୍ଡପଡ଼ାରେ ଅନୁଭବଙ୍କୁ ସୌମ୍ୟରଞ୍ଜନ ଓ ଗୟାଧରଙ୍କ ସମର୍ଥନ ମିଳୁଛି ନା ନାହିଁ, ତାହା ଆଗାମୀ ଦିନରେ ଜଣାପଡ଼ିବ।

ସୂଚନାଯୋଗ୍ୟ, ସୌମ୍ୟରଞ୍ଜନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ଘସିପୁରା ବିଧାନସଭା ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ। ଦୁଇ ଦିନ ତଳେ ସେ ଏନେଇ ଘୋଷଣା କରିଥିଲେ। ସମର୍ଥକଙ୍କ ପରାମର୍ଶରେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ।

### କିଏ ସମ୍ଭାଳିବ ବିଜେଡିର ମିଶନ ଶକ୍ତି ଭୋଟ୍ ମଙ୍ଗ

# ହାତରୁ ଖସିଯିବ କି ମହିଳା ଭୋଟ୍, ଚିନ୍ତାରେ ବିଜେଡି



**ଭୁବନେଶ୍ୱର (ଭିଓଭି):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ବିଜେଡିର ନମ୍ବର-ଟୁ ନେତା ଭିକେ ପାଣ୍ଡିଆନଙ୍କ ପତ୍ନୀ ଆଇଏଏସ୍ ସୁଜାତା ଆର କାର୍ତ୍ତିକେୟନ ମିଶନ ଶକ୍ତି ସଚିବ ପଦରୁ ବିଦା ହେବା ପରେ ବିଜେଡି ବିଚଳିତ ହୋଇପଡ଼ିଛି । ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୧୦ଦିନ ଥିବାବେଳେ ଅଚାନକ ସୁଜାତାଙ୍କ ଉପରେ ନିର୍ବାଚନ କମିଶନଙ୍କ ଛାଟ ବିଜେଡିର ସବୁ ଗଣିତକୁ ଏପଟସେପଟ କରିଦେଇଛି । ନିର୍ବାଚନବେଳେ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚଜି) ମହିଳା ସଦସ୍ୟଙ୍କୁ ନିଜର ଭୋଟ ମେସିନ୍ ଭାବେ ଉପଯୋଗ କରି ଆସୁଥିବା ବିଜେଡି ଚିନ୍ତାରେ ପଡ଼ିଛି । ବିଜେପିର ତୀକ୍ଷ୍ଣ ନଜର ଓ ନିର୍ବାଚନ କମିଶନଙ୍କ କଡ଼ା ଆଭିମୁଖ୍ୟ ଯୋଗୁ ମହାକାଳପଡ଼ାରେ ଦୁଇ କମ୍ୟୁନିଟି ରିସୋର୍ସ ପର୍ସନ(ସିଆରପି)ଙ୍କୁ ଚାକିରିରୁ ବହିଷ୍କାର ଓ ପାୱାରଫୁଲ ଅଫିସର ସୁଜାତାଙ୍କୁ ବଦଳି ପରେ ରାଜ୍ୟରେ ବିଜେଡି ପାଇଁ କାମ କରୁଥିବା ମହିଳା ଏସଏଚଜିର କମ୍ୟୁନିଟି ଷ୍ଟାଫ ଏବେ ଭୟଭୀତ ହୋଇପଡ଼ିଛନ୍ତି । ଏଭଳି ସ୍ଥିତିରେ ଏହି ମହିଳା ଭୋଟବ୍ୟାଙ୍କକୁ ବିଜେଡି କିଭଳି ସୁରକ୍ଷିତ ରଖିବ ଓ କାହାକୁ ମଙ୍ଗ ଧରାଇ ନିଜ ସପକ୍ଷରେ ଭୋଟ କରାଇବ ତାହା ଦଳ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଥିବା ଚର୍ଚ୍ଚା ହେଉଛି ।

ମିଳିଥିବା ସୂଚନା ଅନୁସାରେ, ପ୍ରଭାବଶାଳୀ ବିଜେଡି ନେତା ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କ ଉପରେ ନିର୍ବାଚନ କମିଶନଙ୍କ ଛାଟକୁ ନେଇ ଏବେ ଉଭୟ ବିଜେଡି ଓ ପ୍ରଶାସନିକ କଳରେ କୋକୁଆ ଭୟ ଖେଳି ଯାଇଛି । ବିଜେଡି ସପକ୍ଷରେ ଭୋଟ କରାଉଥିବା ସରକାରୀ କଳର ନିର୍ଦ୍ଦିଷ୍ଟ ଅଫିସର ଓ କର୍ମଚାରୀମାନେ ଏବେ ନିଜ ଚାକିରି ବଂଚାଇବା ଚକ୍କରରେ ମାପିଚୁପି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି । ସୁଜାତାଙ୍କ ଉପରେ ଉଭୟ ବିଜେପି ଓ ନିର୍ବାଚନ କମିଶନଙ୍କ ନଜର ରହିଛି । ତେଣୁ ସୁଜାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରେ ଆଶଙ୍କା ମଧ୍ୟରେ ଥିବା ପ୍ରାୟ ୭୦ହଜାର ମହିଳା କମ୍ୟୁନିଟି ଷ୍ଟାଫଙ୍କୁ କିଏ ନେତୃତ୍ୱ ଦେବ ଓ ସେମାନେ କିଭଳି ବିଜେଡି ସପକ୍ଷରେ ଭୋଟ ହାତେଇବେ ତାକୁ ନେଇ ବିଜେଡି ରଣନୀତିକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ।

ମିଶନ ଶକ୍ତିର ସଚିବ ଭାବେ ସୁଜାତା ଏହି ଏସଏଚଜିଗୁଡ଼ିକର ପରିଚାଳନାକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିଥିଲେ । ସୁଜାତାଙ୍କ ଯୋଗୁ ମିଶନଶକ୍ତି ବିଭାଗର ମନ୍ତ୍ରୀ ଓ ଉପଦେଷ୍ଟାମାନଙ୍କର ଗୁରୁତ୍ୱ ମଧ୍ୟ ବିଶେଷ ରହୁନଥିଲା କିମ୍ବା ବିଜେଡିର କୌଣସି ନେତାନେତ୍ରୀଙ୍କ କର୍ତ୍ତୃତ୍ୱ ମଧ୍ୟ ମହିଳା ଏସଏଚଜିଙ୍କ ଉପରେ ରହିବା ସମ୍ଭବପର ହେଉନଥିଲା । ଯାହାର ପ୍ରତିକୂଳ ପ୍ରଭାବ ଏବେ ନିର୍ବାଚନ ସମୟରେ ବିଜେଡିକୁ ଭୋଗିବାକୁ ପଡ଼ିଛି । ମିଶନ ଶକ୍ତି ବିଭାଗର ମନ୍ତ୍ରୀ ଭାବେ ଟୁକୁନି ସାହୁ ଓ ବାସନ୍ତୀ ହେମ୍ବ୍ରମଙ୍କ ସମେତ ଦୁଇ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଓ ଗୀତା ବସ୍ତିଆ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ ବି ସୁଜାତା ନିଜର ଗୁରୁତ୍ୱ ବୃଦ୍ଧି ପାଇଁ ଏହି ବିଜେଡି ନେତ୍ରୀମାନଙ୍କୁ ଏସଏଚଜିଙ୍କ ଉପରେ ପ୍ରଭାବ ବିସ୍ତାରର ସୁଯୋଗ ଦେଇନଥିବା ଜଣାଯାଇଛି ।

ମହିଳା ଏସଏଚଜିଙ୍କୁ ନିଜର ଭୋଟବ୍ୟାଙ୍କ ଭାବେ ଉପଯୋଗ କରୁଥିଲେ ମଧ୍ୟ ନିଜର କୌଣସି ଆଗଧାଡ଼ିର ନେତା କିମ୍ବା ନେତ୍ରୀଙ୍କୁ ଏହି ଏସଏଚଜିଗୁଡ଼ିକ ସହ ଯୋଗସୂତ୍ରରେ ରହିବାର ସୁଯୋଗ ବିଜେଡି ସାଂଗଠନିକସ୍ତରରେ ବି ଦେଇନାହିଁ । ଏପରିକି ସ୍ଥାନୀୟ ବିଧାୟକମାନଙ୍କୁ ମଧ୍ୟ ନିଜ ନିଜ ଅଂଚଳର ଏସଏଚଜିଗୁଡ଼ିକ ସହ ଉତ୍ତମ ସମ୍ପର୍କ ରଖିବାର ସୁଯୋଗ ମଧ୍ୟ ମିଶନ ଶକ୍ତି ବିଭାଗ ସୃଷ୍ଟି କରିନି । ଅବଶ୍ୟ ନିର୍ବାଚନବେଳେ ଏହି ମହିଳା ଏସଏଚଜିଗୁଡ଼ିକ ମାଧ୍ୟମରେ ସମାନ୍ତରାଳ ପ୍ରଚାର, ଅନ୍ଧାରୀ ବିଜେ ଆଦି କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ହାତେଇବାରେ ବିଜେଡି ସକ୍ଷମ ହୋଇଥାଏ ବୋଲି ବିରୋଧୀ ଅଭିଯୋଗ କରନ୍ତି । ଆଉ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ବି ମହିଳା ଏସଏଚଜିଗୁଡ଼ିକୁ ଖୁସି କରିବା ପାଇଁ ଆଖିଦୃଶିଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିବାକୁ ବିଜେଡି ସରକାର ପଛାଇ ନଥାନ୍ତି । ବିଦେଶ ବୁଲାଠୁ ଆରମ୍ଭ କରି ସୁଧମୁକ୍ତ ଋଣ,ସ୍କୁଟି ଓ ଅନ୍ୟାନ୍ୟ ସୁବିଧା ଓ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଏସଏଚଜିଙ୍କୁ ବିଜେଡି ସରକାର ତୁଷ୍ଟୀକରଣ କରିଥାନ୍ତି । ଆଉ ଖାସ୍ ଏହି କାରଣରୁ ନିର୍ବାଚନ ପ୍ରଚାରର ଶେଷ ୩-୪ଦିନରେ ଉକ୍ତ ମହିଳା ଏସଏଚଜି ସଦସ୍ୟାମାନଙ୍କୁ ବିଜେଡି ବେଶ୍ ଯୋଜନାବଦ୍ଧ ଭାବେ ଉପଯୋଗ କରି ଭୋଟ୍ ହାତେଇବାରେ ସକ୍ଷମ ହୋଇଥାଏ ।

ନିଜର ପ୍ରତ୍ୟେକ ସଭାସମିତିରେ ମହିଳା ଏସଏଚଜି ସଦସ୍ୟାମାନଙ୍କୁ ଆଣି ନିଜର ପତିଆରା ଦେଖାଉଥିବା ଶାସକ ବିଜେଡିର ଏହି ମହିଳା ଭୋଟବ୍ୟାଙ୍କ ଉପରେ ବିଜେପିର ଏଭଳି ପ୍ରହାର ଦଳକୁ ବିଚଳିତ କରିଦେଇଛି । ଏବେ ନିର୍ବାଚନ କମିଶନଙ୍କ ଛାଟ ଯୋଗୁ ସୁଜାତା ଅର୍ଥ ବିଭାଗକୁ ବଦଳି ପରେ ମିଶନ ଶକ୍ତି ମହିଳା ଏସଏଚଜିଙ୍କ ସହ ଯୋଗସୂତ୍ର କିଏ ରଖିବ ତାହା ବିଜେଡିକୁ ଚିନ୍ତାରେ ପକାଇଛି । ସରକାରୀ ଅଫିସରମାନଙ୍କ ମାଧ୍ୟମରେ ଏସଏଚଜି ସଦସ୍ୟାମାନଙ୍କ ସହ ଯୋଗସୂତ୍ର ରଖିଲେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି । ତା'ଛଡ଼ା ପୁଲିସ ମାଧ୍ୟମରେ ମହିଳା ଏସଏଚଜି କମ୍ୟୁନିଟି ଷ୍ଟାଫଙ୍କୁ ପ୍ରଭାବିତ କରିବା ବି ମହଙ୍ଗା ପଡ଼ିବାର ଆଶଙ୍କା ରହିଛି । ଏବେ ନୂଆ କରି ମିଶନ ଶକ୍ତି ବିଭାଗର ଦାୟିତ୍ୱ ନେଇଥିବା ଆଇଏଏସ୍ ଶାଳିନୀ ପଣ୍ଡିତ ମିଶନ ଶକ୍ତିର କମ୍ୟୁନିଟି ଷ୍ଟାଫମାନଙ୍କୁ ବିଜେଡି ସପକ୍ଷରେ ଭୋଟ୍ କାର୍ଯ୍ୟ ଲଗାଇବାର ସମ୍ଭାବନା ବି କ୍ଷୀଣ । ଧାମନଗର ଉପନିର୍ବାଚନରେ ଏସଏଚଜି ସଦସ୍ୟମାନଙ୍କ କାର୍ଯ୍ୟ ଉପରେ ଲଗାମ ଦେଇ ବିଜେଡିର ଏହି ମହିଳା ଭୋଟବ୍ୟାଙ୍କରେ ଛିଦ୍ର କରିବାରେ ବିଜେପି ସଫଳ ହୋଇଥିଲା । ସେହି ଫର୍ମୁଲାକୁ ଆପଣାଇ ବିଜେପି ଏବେ ରାଜ୍ୟରେ ମହିଳା ଏସଏଚଜି କମ୍ୟୁନିଟି ଷ୍ଟାଫମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିଛି । ଏସବୁ ପରିସ୍ଥିତିକୁ ଦେଖିଲେ ବିଜେଡି ଏଥର କାହା ଉପରେ ଭରସା କରିବ ଓ କାହାକୁ ଏସଏଚଜି କମ୍ୟୁନିଟି ଷ୍ଟାଫମାନଙ୍କ ସହ ଯୋଗସୂତ୍ର ରକ୍ଷା କରିବାର ମଙ୍ଗ ଧରାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ହାତେଇ ନିର୍ବାଚନୀ ବୈତରଣୀ ପାର ହେବ ତାକୁ ନେଇ ଦଳୀୟ ମହଲରେ ଚର୍ଚ୍ଚା ଲାଗି ରହିଛି ।

ସୂଚନାଯୋଗ୍ୟ, ରାଜ୍ୟରେ ଗ୍ରାମାଂଚଳର ପ୍ରାୟ ୯୦ ପ୍ରତିଶତ ପରିବାରରେ ଏସଏଚଜି ମହିଳା ସଦସ୍ୟା ଅଛନ୍ତି । ୬ଲକ୍ଷ ମହିଳା ଏସଏଚଜି ଅଧୀନରେ ପ୍ରାୟ ୭୦ଲକ୍ଷ ମହିଳା ସଦସ୍ୟା ଅଛନ୍ତି । ଏହି ଏସଏଚଜିଗୁଡ଼ିକର ତଦାରଖ ପାଇଁ ୭୦ହଜାର କମ୍ୟୁନିଟି ଷ୍ଟାଫ (ସିଆରପି, ଏମବିକେ, ବିଏଲଏଫ, ଜିଏଲଏଫ) ଆଦି ରହିଛନ୍ତି । ମିଶନ ଶକ୍ତି ବିଭାଗ ସିଧାସଳଖ ଏହି ମହିଳା କମ୍ୟୁନିଟି ଷ୍ଟାଫମାନଙ୍କ ମାଧ୍ୟମରେ ବିଜେଡି ସପକ୍ଷରେ ଭୋଟବ୍ୟାଙ୍କକୁ ସୁଦୃଢ଼ କରିଥାଏ ଓ ବିଜେଡି ପ୍ରାର୍ଥୀଙ୍କ ଜିତିବା ମାର୍ଗକୁ ପ୍ରଶସ୍ତ କରିଥାଏ ବୋଲି ବିରୋଧୀ ଅଭିଯୋଗ କରନ୍ତି । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପାଇଁ ଏହି ମହିଳା ଏସଏଚଜି ଭୋଟବ୍ୟାଙ୍କ ସହାୟତାରେ ଏକତରଫା ସଫଳତା ପାଇଥିଲା । ଚଳିତ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୧୩, ୨୦,୨୫ ଓ ଜୁନ୍ ୧ ତାରିଖରେ ରାଜ୍ୟରେ ମତଦାନ ହେବ ।

### ଆକ୍ସନମୋଡରେ ନିର୍ବାଚନ କମିଶନ

## ଓଡ଼ିଶାରେ ଜବତ ହେଲାଣି ୧୬୫.୭୧କୋଟି ଟଙ୍କା ଓ ସାମଗ୍ରୀ




**ଭୁବନେଶ୍ୱର (ଭିଓଭି):**ରାଜ୍ୟରେ ଚଳିତଥରର ନିର୍ବାଚନ ପୂର୍ବର ସମସ୍ତ ରେକର୍ଡକୁ ଭଙ୍ଗ କରିଛି । ନିର୍ବାଚନ କମିଶନଙ୍କ କଡ଼ା ଆଭିମୁଖ୍ୟ ଯୋଗୁ ଆଜିସୁଦ୍ଧା ଓଡ଼ିଶାରେ ମୋଟ ୧୬୫ କୋଟି ୭୧ଲକ୍ଷ ଟଙ୍କା ଓ ସାମଗ୍ରୀକୁ ଏନଫୋର୍ସମେଂଟ ଏଜେନ୍ସୀଗୁଡ଼ିକ ଜବତ କରିବାରେ ସକ୍ଷମ ହୋଇଛନ୍ତି । ରାଜ୍ୟରେ ୪ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ମତଦାନ ମେ' ୧୩ତାରିଖରୁ ହେବ । ତା'ପୂର୍ବରୁ ଏତେ ପରିମାଣର ଅର୍ଥ ଓ ସାମଗ୍ରୀ ଜବତ ହେବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ରାଜ୍ୟ ମୁଖ୍ୟ ନର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଏନଫୋର୍ସମେଂଟ ଏଜେନ୍ସୀଙ୍କ ସମନ୍ୱୟରେ ମାର୍ଚ୍ଚ ୧ରୁ ଏପ୍ରିଲ ୩୦ତାରିଖ ମଧ୍ୟରେ ମୋଟ ୧୬୫କୋଟି ୭୧ଲକ୍ଷ ୮୮ହଜାର ଟଙ୍କାର ଅର୍ଥ ଓ ସାମଗ୍ରୀ ଜବତ କରାଯାଇଛି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ଉପରେ ତୀକ୍ଷ୍ଣ ନଜର ରଖାଯାଇ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଉଛି । ଏହି ଜବତ ହୋଇଥିବା ଅର୍ଥ ଓ ସାମଗ୍ରୀ ମଧ୍ୟରେ ୪କୋଟି ୮୭ଲକ୍ଷ ୬୫ହଜାର ନଗଦ ଟଙ୍କା, ୨୪.୭୧କୋଟି ଟଙ୍କାର ମାଦକ ଦ୍ରବ୍ୟ, ୬୪.୦୮କୋଟି ଟଙ୍କାର ଡ୍ରଗ୍ସ, ୯.୪୩କୋଟି ଟଙ୍କାର ସୁନା ସମେତ ମୂଲ୍ୟବାନ ଧାତୁ , ୨୬.୩୫ଲକ୍ଷ ଟଙ୍କାର ଲୋଭନୀୟ ଉପହାର ଓ ୬୨.୩୪କୋଟି ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଏସବୁର ମୋଟ ପରିମାଣ ହେଉଛନ୍ତି ୧୬୭.୭୧କୋଟି ଟଙ୍କା ଟଙ୍କା । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଅନିୟମିତ ଅର୍ଥ ଓ ସାମଗ୍ରୀ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ସବୁ ଏନଫୋର୍ସମେଂଟ ଏଜେନ୍ସୀର ସହଯୋଗରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଉଛି ।

ସୂଚନାଯୋଗ୍ୟ, ମାର୍ଚ୍ଚ ୧ରୁ ଏପ୍ରିଲ ୧୩ତାରିଖ ମଧ୍ୟରେ ଓଡ଼ିଶାରେ ବିଭିନ୍ନ ଏଜେନ୍ସି ଧରପଗଡ଼ କରି ୧.୪୭କୋଟି ଟଙ୍କାର ନଗଦ ଅର୍ଥ ସହ ୧୬.୨୧ କୋଟି ଟଙ୍କାର ମଦ(ପ୍ରାୟ ୧୩.୨୪କୋଟି ଲିଟର) ୩୯.୦୧କୋଟି ଟଙ୍କାର ନିଶା ସାମଗ୍ରୀ, ୬.୪୬କୋଟି ଟଙ୍କାର ମୂଲ୍ୟବାନ ଧାତୁ(ସୁନା ଓ ଅନ୍ୟାନ୍ୟ ଅଳଙ୍କାର) ଓ ୪୩.୯୬କୋଟି ଟଙ୍କାର ମାଗଣା ସାମଗ୍ରୀ ବଂଟନକୁ ଜବତ କରାଯାଇଥିଲା । ଏହି ସମସ୍ତ ପରିମାଣର ମୂଲ୍ୟ ୧୦୭ କୋଟି ୧୩ଲକ୍ଷ ଟଙ୍କା ।

## ମୁଖ୍ୟମନ୍ତ୍ରୀ ୭୧ କୋଟିର ମାଲିକ




**ଭୁବନେଶ୍ୱର (ଭିଓଭି):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୧ କୋଟି ଟଙ୍କାର ମାଲିକ । ନିର୍ବାଚନୀ ସତ୍ୟାପାଠରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ନବୀନଙ୍କ ପାଖରେ ୩୦ ହଜାର ଟଙ୍କାର କ୍ୟାସ ଥିବା ବେଳେ ୧୪ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି । ତା ଭିତରେ ବିଭିନ୍ନ ବ୍ୟାଙ୍କରେ ଡିପୋଜିଟ ଓ ଫିକ୍ସ ଆକାରରେ ରହିଥିବା ଜଣା ପଡ଼ିଛି ।

ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି SBI ବ୍ରାଞ୍ଚରେ ନୂଆ ଆକାଉଣ୍ଟ ଖୋଲି ୩୦ ଲକ୍ଷ ଟଙ୍କାର ଡିପୋଜିଟ୍ ରଖିଛନ୍ତି । ସମାନ ଭାବରେ ହିଞ୍ଜିଳିରେ ବି ଏକ ନୂଆ ଆକାଉଣ୍ଟ ଖୋଲି ୩୦ ଲକ୍ଷ ଡିପୋଜିଟ୍ ରଖିଛନ୍ତି ।

କଣ୍ଟାବାଞ୍ଜି ଓ ହିଞ୍ଜିଳିରେ ବ୍ୟାଙ୍କ ଆକାଉଣ୍ଟରେ ଯେଉଁ ଟଙ୍କା ରହିଛି ସେ କେବଳ ନିର୍ବାଚନୀ ଖର୍ଚ୍ଚ ପାଇଁ ବୋଲି ସତ୍ୟାପାଠରେ ଉଲ୍ଲେଖ କରିଛନ୍ତି । ଏହା ସହ ନବୀନଙ୍କ ପାଖରେ ୫୭ କୋଟି ଟଙ୍କା ମୂଲ୍ୟର ସ୍ଥାବର ସଂପତ୍ତି ମଧ୍ୟ ରହିଛି । ନବୀନ ନିବାସ ସ୍ଥିତ ଘର ଓ ଜମିର ମୂଲ୍ୟ ୧୩ କୋଟି ୬୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଥିବା ବେଳେ ନୂଆଦିଲ୍ଲୀ ଅବଦୁଲ କଲାମ ରୋଡ୍ ସ୍ଥିତ ଘର ଦାମ ୪୩ କୋଟି ୩୬ ଲକ୍ଷ ଟଙ୍କା ହେବ ବୋଲି ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ ରହିଛି ।

# ROOTED RESILIENCE:

# COMMEMORATING THE 50TH ANNIVERSARY OF THE CHIPKO MOVEMENT



Nihar Ranjan Acharya



**Introduction:**

Fifty years ago, amidst the verdant forests of the Himalayas, a grassroots movement emerged that would reverberate across the globe, inspiring environmental activism for generations to come. The Chipko Movement, born out of a deep reverence for nature and a determination to protect it, stands as a testament to the power of collective action in the face of ecological peril. As we mark its 50th anniversary, it's time to reflect on the enduring legacy of this remarkable movement and its profound impact on environmental consciousness.

**The Roots of Resistance:**

The Chipko Movement originated in the early 1970s in the Indian State of Uttarakhand, then known as Uttar Pradesh. Faced with rampant deforestation and the encroachment of commercial interests into their ancestral lands, local communities took a courageous stand to protect their forests from destruction. The term "Chipko" itself, meaning "to hug" or "to cling", symbolizes the poignant act of villagers embracing trees to prevent their feeling - a powerful gesture of defiance against environmental degradation.

**Empowering Communities and Preserving Biodiversity:**

At its core, the Chipko Movement was not merely a protest against logging but a reaffirmation of the symbiotic relationship between humans and the natural world. By safeguarding their forests, communities not only preserved vital ecosystems but also secured their own livelihoods, as forests provided essential resources such as clean water, fertile soil, and medicinal plants. Moreover, the Chipko Movement catalyzed a broader dialogue on conversation and sustainable development, emphasizing the importance of local knowledge and community-led initiatives in preserving biodiversity.

**Global Impact and Continuing Relevance:**

The legacy of the Chipko Movement extends far beyond the borders of India, inspiring environmental activists around the world to take a stand for the protection of forests and indigenous rights. Its principles of non-violent resistance and grassroots empowerment have informed countless campaigns and initiatives aimed at combating deforestation, climate change, and ecological injustice. In an era of escalating environmental crises, the lessons of the Chipko Movement remain as relevant as ever, reminding us of our collective responsibility to safeguard the planet for future generations.

**Honouring Heroes and Unsung Champions:**

As we commemorate the 50th anniversary of the Chipko Movement, it's essential to pay homage to the courageous individuals who risked their lives to defend the forests and the rights of indigenous communities. From the pioneering environmentalist Sunderlal Bahuguna to the countless women who led the charge in the hills of Uttarakhand, their resilience and dedication continue to inspire environmental stewardship and activism worldwide.

**Looking Ahead:**

As we look to the future, let us draw inspiration from the spirit of the Chipko Movement and rededicate ourselves to the causes of environmental justice. Whether through advocacy, education, or direct action, each of us has a role to play in protecting the planet and preserving its precious biodiversity. May the legacy of the Chipko Movement serve as a guiding light in our collective journey towards a more sustainable and harmonious relationship with nature, rooted in reverence, resilience, and respect.

Founder and Working Director, TRUST – a Science Lover Organization
'Scientific Officer',
Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**



# ସାବ୍ୟସ୍ତ କରିବା ଆମ ଅଧିକାର

**ପ୍ରଦୋଷ କୁମାର ଦାସ**

ଜାଣିଛି ଆସିବ ଏଇନା
ମୋ ଝାଟି ଦୁଆର !
ଗହଳ ଚହଳେ ଗୁରୁତ୍ୱ ବଢ଼ିବ
ଏଇ ମାଟି ମଣିଷର।
ଭୋଅଟ ବାଧ ବାଧକତା
ଟାଣିଯେ ଆଣିଛି ତୁମକୁ
ପାଖକୁ ମୋହର।
ହାତ ଯୋଡ଼ିହେବ, ଗୁହାରି କରିବ
ସବୁରି ଆଗରେ
ମୋପରି ସଭିଙ୍କୁ ନେହୁରା ହୋଇବ।
ସବୁ ଥର ପରି
ମିଛ ପ୍ରତିଶ୍ରୁତି ଦେଇ ପୁଣି ଚାଲିଯିବ।
ଜିତିଯିବାପରେ ମିଳିବନି ଆଉ ଦେଖା ତୁମର।
ଦୁଃଖ ଜଣାଇବାକୁ ହେଲେବି କାତର
ପାଖେ ପାଖେ ରହି ସବୁଥର ପରି
ଘେଉଡାଇ ଦେବେ ତୁମ ଚାଟୁକାର।
ଭାବି ଲାଜ ଲାଗେ,
ପ୍ରବଞ୍ଚନା କେତେ ନେତା ଓ ନୀତିର !?
ହିସାବ ଦେଇକି ପାରିବ,
ଗତ ଦିନେ କ'ଣ କରିଛ
ହେ ପ୍ରିୟ ଜନ ପ୍ରତିନିଧି ଆମର ।
ସେବା ନକରିକି ଢ୍ୱାଲାଉଛ ତୁମେ
ସମାଜସେବୀ ହେ,
ଧୋବଧାବଳିଆ ନେତାଟି ଆମର।
ଯୋଜନା ବାଟରେ ଅଧିକ ପ୍ରଚାର
କାର୍ଯ୍ୟ ରୂପାୟନ ବେଳକୁ
ଅଯଥା ଭେଳିକି ବିଚାର।
ଲାଞ୍ଚ ମିଛ ଖଟ, ଦୁର୍ନୀତିରେ ନୀତି
ରହିଲେକି ପୁରି
ହେବକି ଗ୍ରହଣୀୟ ତୁମ ପ୍ରାର୍ଥୀତ୍ୱର !
ଶୁନ୍ୟରେ କାହିଁକି ଦର୍ପଣ ଦେଖାଅ
କରି ବିକାଶ ନିଜର !
ନିର୍ବାଚନ ଘଡ଼ି
ଜାଣିଅଛୁ ଆମେ
ବାକ୍ୟବୀର ହୋଇ କରୁଛ ପ୍ରଚାର।
ଗଲା ପାଞ୍ଚ ବର୍ଷ ତଳୁ ନଥିଲା କାହିଁକି ଦର୍ଶନ କାହାର !
ଏଇଟା ଭୋଟ ସମୟ
କରିବାକୁ ହେବ ସଠିକ୍ ନିର୍ଣ୍ଣୟ ଏଥର ।
ଜାଣିଛକି ତୁମେ,
ଅବା ଜାଣି ଅଜଣା ହେଉଛ,
ତୁମେ ନେତାମାନେ କେତେ ସ୍ୱାର୍ଥପର !
କ୍ଷମା ପ୍ରାର୍ଥୀ ହୋଇ କାହିଁକି ଯୋଡୁଛ ହାତ ତୁମର !
ଦୁଃଖି ଅରକ୍ଷିତ କରେ ହାହାକାର ।
ଅଞ୍ଚଳ ବିକାଶ, ସବୁରି ବିକାଶ
ଏବେ ହେଉ ସ୍ମୁରି ମୂଳ ମନ୍ତ୍ରର।
ଯୋଗ୍ୟ ପ୍ରାର୍ଥୀ ପାଇଁ
ନହେଉ ଯେପରି ରାଜନୀତିର ସ୍ୱାର୍ଥ ବିଚାର।
ପ୍ରଭାବିତ ନହୋଇ ପ୍ରଭବେ କାହାର
ସାବ୍ୟସ୍ତ କରିବା ଆମେ ସଭିଏଁ ଏଥର
ଆମ ନାଗରିକ ଅଧିକାର ।

**ସ୍ତମ୍ଭକାର, ନାଚୁଣୀ ଖୋର୍ଦ୍ଧା**
**୬୩୭୦୪୯୫୯୪୪**

# ଏଚ୍‌ଡି ରେଭାନ୍ନାଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ୍ ଜାରି

**ନୂଆଦିଲ୍ଲୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବ ଗୌଡାଙ୍କ ନାତି ପ୍ରଜ୍ୱଳ ରେଭାନ୍ନାଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି ଅଶ୍ଳିଳ ଭିଡିଓ କ୍ଲିପ୍ ଭାଇରାଲ ଓ ଅନେକ ମହିଳାଙ୍କୁ ଯୌନ ଉତ୍ପୀଡନ ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ ଦୁର୍ଷ୍କମା ମାମଲା ରୁଜୁ ହୋଇଛି। ଏବେ ଏହାକୁ ନେଇ ଆକ୍ସନ ମୁଡ୍‌ରେ ଅଛନ୍ତି କର୍ଣ୍ଣାଟକ ସରକାର। ପ୍ରଜ୍ୱଳଙ୍କ ପରେ ଏବେ ତାଙ୍କ ବାପା ଏଚ୍‌ଡି ରେଭାନ୍ନାଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ୍ ଜାରି ହୋଇଛି। ପ୍ରଜ୍ୱଳଙ୍କ ବାପାଙ୍କ ବିରୋଧରେ ମଧ୍ୟ ଅପହରଣ ସମେତ ସମାନ ଅଭିଯୋଗ ରହିଛି। ଏଥିସହ ସ୍ୱତନ୍ତ୍ର ଟିମ୍ ତଦନ୍ତ ପାଇଁ ତାଙ୍କ ଘରେ ପହଞ୍ଚିଛି।





କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେ ବର୍ତ୍ତମାନ ଉଭୟ ଏଚ୍‌ଡି ରେଭାନ୍ନା ଏବଂ ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିଛୁ। କାରଣ ପ୍ରଜ୍ୱଳ ବିଦେଶରେ ଥିବା ବେଳେ ଏଚ୍‌ଡି ରେଭାନ୍ନା ମଧ୍ୟ ଦେଶ ଛାଡି ବିଦେଶକୁ ଯିବାକୁ ଯୋଜନା କରିପାରନ୍ତି।

ସେପଟେ ଅଶ୍ଳୀଳ ଭିଡିଓ ଓ ଯୌନ ଉତ୍ପୀଡନ ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ଟିମ୍ ପ୍ରଜ୍ୱଳ ରେଭାନ୍ନାଙ୍କ ଘରେ ପହଞ୍ଚିଛି। ବାପା-ପୁଅଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ୍ ଜାରି ହେବା ପରେ ସ୍ୱତନ୍ତ୍ର ଟିମ୍ ତାଙ୍କ ଘରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ବାସ୍ତବରେ ପ୍ରଜ୍ୱଳ ତଦନ୍ତ ଟିମ୍ ସାମ୍ନାକୁରେ ହାଜର ହେବାକୁ ସମୟ ମାଗିଥିଲେ। ଏଥିପାଇଁ ସେ ଆବେଦନ ମଧ୍ୟ କରିଥିଲେ।

ଦୁଇ ଦିନ ପୂର୍ବରୁ ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧରେ ଏସ୍‌ଆଇଟି ଲୁକ୍ ଆଉଟ୍ ନୋଟିସ ଜାରି କରିଥିଲା। ଜି ପରମେଶ୍ୱରଙ୍କ ଅନୁଯାୟୀ ପ୍ରଜ୍ୱଳ ରେଭାନ୍ନା ଏବଂ ଏଚଡି ରେଭାନ୍ନାଙ୍କୁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଉକ୍ତ ନୋଟିସ୍‌ର ଜବାବ ଦେବାକୁ ସମୟ ଦିଆଯାଇଛି। ପ୍ରଜ୍ୱଳ ରେଭାନ୍ନା ମୈସୁର ଅପହରଣ ମାମଲାରେ ମଧ୍ୟ ଜାମିନ ପାଇଁ ଆବେଦନ କରିଛନ୍ତି। ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି କର୍ଣ୍ଣାଟକ ଗୃହ ମନ୍ତ୍ରୀ କହିଛନ୍ତି।

କହିରଖୁ ଯେ, ମେ' ୨ରେ ଜଣେ ବ୍ୟକ୍ତି ମୈସୁର ଜିଲ୍ଲାର କେ.ଆର ନାଗର ପୁଲିସ ଷ୍ଟେସନରେ ଅଭିଯୋଗ କରିଥିଲେ ଯେ ତାଙ୍କ ଏପ୍ରିଲ ୨୯ ତାରିଖରୁ ତାଙ୍କ ମା' ନିଖୋଜ ଥିଲେ। ପରେ ତାଙ୍କ ଯୌନ ନିର୍ଯାତନାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେ ଏବଂ ତାଙ୍କ ମା' ହୋଲେନାରସିପୁରାର ପ୍ରଜ୍ୱଳ ରେଭାନ୍ନାଙ୍କ ବାସଭବନ ଏବଂ ଫାର୍ମହାଉସରେ ୬ ବର୍ଷ ଯାଏ କାମ କରିଥିଲେ। ତେବେ ସେ ତିନି ବର୍ଷ ପୂର୍ବେ ଚାକିରି ଛାଡି ଦେଇଥିବା ତାଙ୍କ ଅଭିଯୋଗରେ ବ୍ୟକ୍ତି ଜଣକ କହିଛନ୍ତି।

୩୩ ବର୍ଷିୟ ପ୍ରଜ୍ୱଳ ରେଭାନ୍ନା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚଡି ଦେବ ଗୌଡାଙ୍କ ନାତି ତଥା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଏଚଡି ରେଭାନ୍ନାଙ୍କ ପୁଅ। ତାଙ୍କ ବିରୋଧରେ ଅନେକ ମହିଳାଙ୍କ ଯୌନ ଶୋଷଣ ଅଭିଯୋଗ ଆସିଛି। ଏହା ସହ ଜଡିତ ଅନେକ ଭିଡିଓ ଭାଇରାଲ ହୋଇଛି। ଏହି ମାମଲାରେ କର୍ଣ୍ଣାଟକ ସରକାର ଏସଆଇଟି ଗଠନ କରିଛନ୍ତି। ଏପ୍ରିଲ ୨୬ରେ ମତଦାନ ଅନୁଷ୍ଠିତ ହୋଇଥିବା କର୍ଣ୍ଣାଟକର ହାସନ ଲୋକସଭା ଆସନରୁ ପ୍ରଜ୍ୱଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## 'ବନ୍ଧୁକ ମୁନରେ ମୋ ସହ ଦୁଷ୍କର୍ମ କରିଛନ୍ତି ପ୍ରଜ୍ୱଳ'

**ନୂଆଦିଲ୍ଲୀ:** ଅଶ୍ଳୀଳ ଭିଡିଓ ମାମଲାରେ ଫଶି ଥିବା ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କ ଦିନ କୁ ଦିନକୁ ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ କଳା କାରନାମା। ତାଙ୍କ ବିରୋଧରେ ଜେଡିଏସ୍‌ର ଜଣେ କର୍ମୀ ଏବେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ବନ୍ଧୁକ ମୁନରେ ଜେଡିଏସ୍ ସାଂସଦ ତାଙ୍କ ସହ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ସେ ଏହା ଭିଡିଓ ମଧ୍ୟ ତିଆରି କରିଥିବା କର୍ମୀ କହିଛନ୍ତି।



ଯୌନ ଶୋଷଣ ଅଭିଯୋଗର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ବିଭାଗ (ସିଆଇଡି) ପାର୍ଟି କର୍ମଚାରୀଙ୍କ ଅଭିଯୋଗକୁ ଭିତ୍ତି କରି ଦୁଷ୍କର୍ମ ମାମଲା ରୁଜୁ କରିଛି। ଦୁଷ୍କର୍ମ ବ୍ୟତୀତ ତାଙ୍କ ବିରୋଧରେ ଅଭିଯୋଗକାରୀଙ୍କୁ ଧମକ ଦେଇ ଭିଡିଓ ଉତ୍ତୋଳନ କରିବା ଓ ଫଟୋ ଉଠାଇବା ଅଭିଯୋଗ ବି ରହିଛି।

ମହିଳାଙ୍କ ଅଭିଯୋଗ ମୁତାବକ, ପ୍ରଜ୍ୱଳ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ମାରି ଦେବାକୁ ଧମକ ଦେଇଥିଲେ। ଏହା ପରେ ବନ୍ଧୁକ ମୁନରେ ସେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। କେବଳ ସେତିକି ନୁହେଁ ମୋବାଇଲ୍ ଫୋନ୍‌ରେ ଏହାର ଭିଡିଓ ସୁଟ୍ ମଧ୍ୟ କରିଥିଲେ। ସେ କହିଛନ୍ତି ଯେ ପ୍ରଜ୍ୱଳ ତାଙ୍କୁ ସାଂସଦ କ୍ୱାର୍ଟରକୁ ନେଇ ଯାଇଥିଲେ। ଯେଉଁଠାରେ ସେ ବନ୍ଧୁକ ମୁନରେ ଅପରାଧ କରିଥିଲେ। ଏ ବିଷୟ କାହାକୁ ଜଣାଇଲେ ସେ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ।

ସେ ଆହୁରି କହିଛନ୍ତି ଯେ ଅଭିଯୁକ୍ତ ତାଙ୍କୁ ତାଙ୍କ ସହ ସହଯୋଗୀ ସହ ସଂମ୍ପର୍କ ରଖିବାକୁ ବାଧ କରିଥିଲେ। ଯଦି ସେ ସହଯୋଗ ନକରନ୍ତି ତେବେ ତାଙ୍କ ଭିଡିଓକୁ ଭାଇରାଲ କରିଦେବାକୁ ଧମକ ଦେଇଥିଲେ।

କହିରଖୁ ଯେ, ୩୩ ବର୍ଷୀୟ ସାଂସଦ ଅନେକ ମହିଳାଙ୍କୁ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। ନିକଟରେ ତାଙ୍କର ଅନେକ ଅଶ୍ଳୀଳ ଭିଡିଓ କ୍ଲିପ୍ ଭାଇରାଲ୍ ହୋଇଥିଲା। ଯାହାକୁ ନେଇ ବିବାଦ ଆରମ୍ଭ ହୋଇଛି। ତାଙ୍କ କର୍ଣ୍ଣାଟକ ସରକାର ଲୁକ୍ ନୋଟିସ୍ ଜାରି କରିବା ସହ ଏସ୍‌ଆଇଟି ତଦନ୍ତ ଜାରି ରହିଛି।

ପ୍ରଜ୍ୱଳ ହେଉଛନ୍ତି ହାସନ ଲୋକସଭା ନିର୍ବାଚନମଣ୍ଡଳୀରୁ ବିଜେପି-ଜେଡି (ଏସ) ସହଯୋଗୀ ଦଳର ପ୍ରାର୍ଥୀ। ଏଠାରେ ଏପ୍ରିଲ ୨୬ରେ ମତଦାନ ହୋଇଥିଲା। ତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ ସେ ଦେଶ ଛାଡି ପଳାଇଛନ୍ତି। ଏହି ମାମଲାରେ ବିବାଦ ବଢ଼ିବା ପରେ ଜେଡି (ଏସ) ନେତୃତ୍ୱ ପ୍ରଜ୍ୱଳଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି।

## ଏପ୍ରିଲରେ ୨ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ:** ଏପ୍ରିଲ ମାସରେ ଦେଶରେ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ସଂଗ୍ରହ ରେକର୍ଡ ସୃଷ୍ଟି କରିଛି। ସମସ୍ତ ରେକର୍ଡ ଭାଙ୍ଗି ଏପ୍ରିଲ ୨୦୨୪ରେ ଜିଏସ୍ ?ଟି ସଂଗ୍ରହ ୨ଲକ୍ଷ କାଟି ଟଙ୍କାରୁ ଅଧିକ ହୋଇଛି। ସରକାରଙ୍କ ରିପୋର୍ଟ ମୁତାବକ ପୂର୍ବ ସମସ୍ତ ଏପ୍ରିଲମାସ ଠାରୁ ଚଳିତ ଏପ୍ରିଲ ମାସରେ ସର୍ବାଧିକ ୨ଲକ୍ଷ ୧୦ ହଜାର କୋଟି ଟଙ୍କା ଜିଏସଟି ସଂଗ୍ରହ ହୋଇଛି।

ରିପୋର୍ଟ ଅନୁସାରେ ଗତବର୍ଷ ଏପ୍ରିଲମାସ ତୁଳନାରେ ଚଳିତ ବର୍ଷ ୧୨.୪ ପ୍ରତିଶତ ଅଧିକ ଜିଏସଟି ଆଦାୟ ହୋଇଛି। ସେହିଭଳି ନେଟ୍ ରେଭିନ୍ୟୁ ୧.୯୨ ଲକ୍ଷ କୋଟି ଟଙ୍କା ରହିଛି (ରିଫଣ୍ଡ ପରେ)। ଗତବର୍ଷ ଏପ୍ରିଲ ମାସ ତୁଳନାରେ ଏହା ୧୭.୧ ପ୍ରତିଶତ ଅଧିକ ବୋଲି କୁହାଯାଇଛି।

ରେକର୍ଡ ଜିଏସ୍‌ଟି ସଂଗ୍ରହ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ ଖୁସି ପ୍ରକାଶ କରିଛନ୍ତି। ଘରୋଇ କାରବାରରେ ୧୩.୪ ପ୍ରତିଶତ ଅଭିବୃଦ୍ଧି ପରେ ଦ୍ରବ୍ୟ ଏବଂ ସେବା ଟିକସ ସଂଗ୍ରହରେ ଏହି ବୃଦ୍ଧି ଦେଖିବାକୁ ମିଳିଛି ଏବଂ ଆମଦାନୀରେ ୮.୩ ପ୍ରତିଶତ ବୃଦ୍ଧି ଘଟିଛି।

୨୦୨୪ ଏପ୍ରିଲରେ ହୋଇଥିବା ମୋଟ ଜିଏସଟି ଆଦାୟ ମଧ୍ୟରୁ ସେଣ୍ଟ୍ରାଲ ଜିଏସଟି ବାବଦରେ ୪୩,୮୪୬ କୋଟି, ଷ୍ଟେଟ୍ ଜିଏସଟି ବାବଦରେ ୫୩,୫୩୮ କୋଟି, ଆଇଜିଏସଟି ୯୯,୬୨୩ କୋଟି ଓ ସେସ୍ ବାବଦରେ ୧୩,୨୬୦ କୋଟି ଟଙ୍କା ସଂଗ୍ରହ କରାଯାଇଛି।

ଏପ୍ରିଲରେ ରେକର୍ଡ ଜିଏସ୍‌ଟି ସଂଗ୍ରହ ପୂର୍ବରୁ ମାର୍ଚ୍ଚରେ ମଧ୍ୟ ସରକାରୀ ଖଜଣା ଜିଏସ୍‌ଟିରେ ଭରି ଯାଇଥିଲା। ମାର୍ଚ୍ଚ ୨୦୨୪ରେ ମାସିକ ଆଧାରରେ





୧.୭୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିଲା। ଗତବର୍ଷ ଏପ୍ରିଲ ମାସରେ ଜିଏସଟି ବାବଦରେ ମୋଟ ୧.୮୭ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିଲା। ସରକାରୀ ସୂଚନା ମୁତାବକ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୨୦.୧୮ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ଯାହା କି ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୦.୧୮ ଲକ୍ଷ କୋଟି ଟଙ୍କା ଅଧିକ।

# ସ୍ମୃତି ଇରାନୀଙ୍କୁ ଟକ୍କର ଦେବାକୁ ଯାଉଥିବା କଂଗ୍ରେସର କିଶୋରୀ ଲାଲ ଶର୍ମା

**ନୂଆଦିଲ୍ଲୀ:** ସମସ୍ତଙ୍କୁ ଚକିତ କରି ନାମାଙ୍କନ ଦାଖଲର ଶେଷ ଦିନରେ ବହୁ ଚର୍ଚ୍ଚିତ ଆମେଠି ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଆଜି ସକାଳେ ନାଁ ଘୋଷଣା ହେବା ପରେ କଂଗ୍ରେସ ଭେଟରାନ କିଶୋରୀ ଲାଲ ଶର୍ମା ତୁରନ୍ତ ଆମେଠି ପାଇଁ ନାମାଙ୍କନ ମଧ୍ୟ ଦାଖଲ କରିଛନ୍ତି।

୨୦୦୪ରୁ ଆମେଠି ଲୋକସଭାରୁ ରାହୁଲ ଗାନ୍ଧି ଲଢ଼ି ଆସୁଥିଲେ। ୨୦୧୯ରେ ସେ ଏଠାରେ ପ୍ରଥମଥର ହାରିବାରୁ ଏଥର ଆଉ ପ୍ରାର୍ଥୀ ହୋଇ ନାହାନ୍ତି।୨୦୧୯ରେ ରାହୁଲଙ୍କୁ ହରାଇଥିବା ବିଜେପିର ସ୍ମୃତି ଇରାନୀ ଏଠାରେ ପୁଣି ପ୍ରାର୍ଥୀ ହୋଇଛନ୍ତି। ଏବେ ତାଙ୍କୁ ଟକ୍କର ଦେବାକୁ ମୈଦାନକୁ ଆସିଛନ୍ତି କଂଗ୍ରେସର କିଶୋରୀ ଲାଲ ଶର୍ମା।



**ତେବେ କିଶୋରୀ ଲାଲ କିଏ ?**

କିଶୋରୀ ଲାଲ ହେଉଛନ୍ତି ଗାନ୍ଧି ପରିବାର ଅତ୍ୟନ୍ତ ଘନିଷ୍ଠ। ଦଳ ସହ ସେ ୪୦ ବର୍ଷରୁ ଅଧିକ ସମୟ ହେଲା ରହିଛନ୍ତି। ଖାସ ଏହି କାରଣ ପାଇଁ ୨୦୧୯ ଯାଏ ଗାନ୍ଧି ପରିବାରର ଗଡ଼ ଭାବେ ପରିଚିତ ଆମେଠିର ଟିକେଟ ତାଙ୍କୁ ମିଳିଛି। ୨୦୨୪ରେ ଗାନ୍ଧି ପରିବାରର ସମ୍ମାନ ଆମେଠିରେ ବାଜିରେ ଲାଗିଛି। କାରଣ ଆମେଠିରେ ରାହୁଲ ପୁଣି ପ୍ରାର୍ଥୀ ହେବେ କି ନାହିଁ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ରାହୁଲ ପ୍ରାର୍ଥୀ ହେବାକୁ ଡରୁ ଥିବା ବିଜେପି ଅଭିଯୋଗ ମଧ୍ୟ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ହିଁ କିଶୋରୀ ଲାଲ ଶର୍ମାଙ୍କ ନାଁ ଘୋଷଣା କରିଛି। ରାହୁଲ ଗାନ୍ଧି ରାଏବରେଲୀରୁ ନିର୍ବାଚନ ଲଢୁଛନ୍ତି।

କିଶୋରୀ ଲାଲ କଂଗ୍ରେସର ସମ୍ମାନ ରଖି ପାରୁଛନ୍ତି କି ନାହିଁ, ସେକଥା ଜୁନ ୪ରେ ସ୍ପଷ୍ଟ ହେବ। କିଶୋରୀ ଲାଲଙ୍କ ପ୍ରକୃତ ଘର ପଞ୍ଜାବର ଲୁଧିଆନାରେ। ସେ ୧୯୮୩ରେ ରାଜୀବ ଗାନ୍ଧିଙ୍କ ସହ ରାଏବରେଲୀ ଓ ଆମେଠି ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୧ ମେ' ମାସରେ ରାଜୀବ ଗାନ୍ଧିଙ୍କ ମୃତ୍ୟୁ ପରେ ଗାନ୍ଧି ପରିବାର ସହ ତାଙ୍କ ସମ୍ପର୍କର ଆହୁରି ନିବିଡ଼ ହୋଇଯାଇଥିଲା। ଗାନ୍ଧି ପରିବାରର ଅନୁପସ୍ଥିତିରେ ଆମେଠି ଓ ରାଏବରେଲୀର ଦେଖାଶୁଣା ଶ୍ରୀ ଶର୍ମା ହିଁ କରୁଥିଲେ। ସୋନିଆ ଗାନ୍ଧି ୧୯୯୯ରେ ପ୍ରଥମଥର ଆମେଠି ଯିବା ବେଳେ ଶ୍ରୀ ଶର୍ମା ତାଙ୍କ ସହ ରହିଥିଲେ। ସେ ସୋନିଆଙ୍କୁ ସେଠାକାର ଭଲମନ୍ଦ ବିଷୟରେ ବୁଝାଇଥିଲେ। ସୋନିଆ ଗାନ୍ଧି ରାଏବେରଲୀରୁ ଲଢ଼ିବା ପରେ ମଧ୍ୟ ଆମେଠି କଥା ସେ ବୁଝୁଥିଲେ। ରାହୁଲ ଗାନ୍ଧିଙ୍କ ସହ ସେ ଆମେଠିରେ ବୁଲିବୁଲି ପ୍ରଚାର କରିଥିଲେ। ଶେଷରେ ଦଳ ତାଙ୍କୁ ଆମେଠିରୁ ପ୍ରାର୍ଥୀ କରିଛି। ରାହୁଲ ଗାନ୍ଧି ରାଏବରେଲୀ ଓ ଶ୍ରୀ ଶର୍ମା ଆମେଠିରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଦୁଇ ଆସନରେ ଆସନ୍ତା ୨୦ ତାରିଖରେ ଭୋଟ ପଡ଼ିବ।

# ଦୀର୍ଘ ବର୍ଷ ପରେ ବି ସରୁନି ସେତୁ କାମ

ରେମୁଣା (ଭିଓଭି): ପଡ଼ିଗଲେ ପ୍ରାଣ ଚାଲିଯିବ। ତଥାପି ଅଧାଗଢ଼ା ବିଜୁ ସେତୁ ଉପରେ ଯାତାୟତ କରୁଛନ୍ତି ଲୋକେ। କାରଣ ୮ ବର୍ଷ ହେବ ନିର୍ମାଣ ଚାଲିଥିବା ଏହି ବିଜୁ ସେତୁ କାମ କେବେ ସରିବ ତାହାର ଭାଗ୍ୟଭବିଷ୍ୟତ ଉତ୍ତର କାହା ପାଖରେ ନାହିଁ। ରେମୁଣା ବ୍ଲକର ନୂଆପାଢି ପଞ୍ଚାୟତର ସୋନ ନଦୀ ଉପରେ ଘୁଙ୍ଗି ଘାଟରେ ନିର୍ମାଣାଧୀନ ବିଜୁ ସେତୁ ଅବସ୍ଥା ଏଭଳି ହୋଇଛି। ଖାଲି ଏହି ଗୋଟାଏ ନୁହେଁ ଜିଲ୍ଲାରେ ୧୬ଟି ବିଜୁ ସେତରୁ ସମାନ ଅବସ୍ଥା।

ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୨୦୧୧ ମସିହାରେ ଆରମ୍ଭ ହୋଇଥିଲା ବିଜୁ ସେତୁ ଯୋଜନା। ଯେଉଁଠି ଯୋଗାଯୋଗ ପାଇଁ ସେତୁ ନଥିଲା। ସେଠି ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ ଆରମ୍ଭ କଲେ ସେତୁ ନିର୍ମାଣ ପ୍ରକଳ୍ପ। ୨୦୧୧ ମସିହା ପରଠାରୁ ମାତ୍ର ୩୦ ପ୍ରତିଶତ ସେତୁ କାମ ସରିଥିବା ବେଳେ ପାଖାପାଖି ୬୭ ପ୍ରତିଶତ ବିଜୁ ସେତୁ ଏବେ ଅଧାରେ ଅଟକି ରହିଛି। ଏକଥା ଖୋଦ ବିଜୁ ସେତୁ ପରାମର୍ଶଦାତା ତଥା ପ୍ରିନ୍ସିପାଲ ସେକ୍ରେଟାରୀ ପାହିଆରେ ଥିବା ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି।

ଖବର ମୁତାବକ, ବାଲେଶ୍ୱରରେ ବିଜୁ ସେତୁର ଭାଗ୍ୟ ଅନେକାଂଶ ସ୍ଥାନରେ ଅନିଶ୍ଚିତତା ଭିତରେ ରହିଛି। କେଉଁଠି ସ୍ଥାନ ନିରୁପଣ ନହୋଇ କାମ ହୋଇଛି ତ, ଆଉ କେଉଁଠି ଜମି ଅଧିଗ୍ରହଣ ନହୋଇ ପୋଲ ହୋଇଛି। ଏମିତିକି ରେଲୱେ ଜାଗାରେ ପୋଲ କାମ ଆରମ୍ଭ କରି ହିନସ୍ତା ହେବାକୁ ପଡିଛି ଗ୍ରାମ୍ୟ ଉନ୍ନୟନ ବିଭାଗକୁ। ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାକୁ ଯେତିକି ପୋଲ ବିଜୁ ସେତୁ ଯୋଜନାରେ ହେଉଥିଲା ସେ ଭିତରୁ ଏସବୁ କାରଣ ପାଇଁ ୧୬ଟି ପୋଲ ଅଧାରେ ଅଟିକିଛି।

ବାଲେଶ୍ୱର ସହର ପାଖରେ ଥିବା କସିମିଳା-ବାଲେଶ୍ୱର ମଧ୍ୟରେ ଚାଲିଥିବା ଏକ ପୋଲ ଏହାର ଅନ୍ୟ ଗୋଟିଏ ନମୁନା। ଏହି ପୋଲ ୮ ବର୍ଷ ଧରି ଚାଲିଛି ଯେ ଚାଲିଛି, ସରିବାର ନାଁ ଧରୁନି। ରେଲୱେ ବିଭାଗ ଓ ଜିଲ୍ଲା ପ୍ରଶାସନ ଟଣାଓଟରା ଭିତରେ ବଳି ପଡିଛନ୍ତି ସାଧାରଣ ଜନତା। ପୋଲ କାମ ଶେଷ ହେଉନଥିବାରୁ ବର୍ଷ ବର୍ଷ ଧରି ବିପଦ ସଙ୍କୁଳ ଅବସ୍ଥାରେ ରେଲୱେ ବ୍ରିଜର ପାଦଚଲା ରାସ୍ତା ଉପରେ ପ୍ରତିଦିନ ୨୦ ଖଣ୍ଡ ଗାଁର ଲୋକେ ଗାଡ଼ିମୋଟର ଧରି ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ନ ଗଲେ ସେମାନଙ୍କୁ ୨୦ କିଲୋମିଟର ବୁଲାଣି ରାସ୍ତା ଅତିକ୍ରମ କରି ବାଲେଶ୍ୱରରେ ପହଞ୍ଚିବାକୁ ପଡୁଛି।



ଏନେଇ ନଗରମ ପୂର୍ବତନ ସରପଞ୍ଚ ସର୍ବେଶ୍ୱର ମହାନ୍ତି କହିଛନ୍ତି, ବିଜୁ ସେତୁ କାମ ସାରିବାକୁ ଅନେକ ଥର ଡିଆରଏମ୍ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ଦେଖା କରିବାକୁ ପଡ଼ିଛି। ହେଲେ କାମ କରିବାରେ କୌଣସି ଦ୍ୱନ୍ଦ୍ୱ ନ ଥିବା ସମସ୍ତେ କହୁଛନ୍ତି। ହେଲେ କାମ ଆଗଉନି। ରେଲୱେ ବିଭାଗ ସହ ପ୍ରଶାସନ ଜମି ଅଧିଗ୍ରହଣ ତଥା ଲିଜ୍ ନେଇ ଯେଉଁ ପଦକ୍ଷେପ ନେବା କଥା ନେଉନି। ତେଣୁ କାମ ଅଟକି ଥିବା ଜଣାପଡୁଛି। ଫୁଲାଡି ବାସିନ୍ଦା ସର୍ବେଶ୍ୱର ବାଗୁଡି କହିଛନ୍ତି, ବ୍ରିଜ୍ କାମ ନ ସରିବା ଯୋଗୁ ଲୋକେ ହିନସ୍ତା ହେଉଛନ୍ତି। ରେଲୱେ ବ୍ରିଜ୍ ଉପରେ ଯିବାବେଳେ ଶିଶୁମାନେ ପଡ଼ି ମୃତାହତ ହେଉଛନ୍ତି। ହେଲେ ପ୍ରଶାସନ ଦୃଷ୍ଟି ଦେଉନି। ନିର୍ବାଚନ ଆସିଲେ ବ୍ରିଜ୍ ଆରମ୍ଭ ହେଉଛି, ପରେ ପୁଣି ବନ୍ଦ ହୋଇଯାଉଛି। ସରକାର ଲୋକଙ୍କୁ ଭୂଆଁ ବୁଲାଇ ଭୋଟ ରାଜନୀତି କରୁଛି। ଏହି ପୋଲ ତିଆରି ନିମନ୍ତେ ଯେଉଁମାନେ ଆନ୍ଦୋଳନ କରୁଥିଲେ ସେମାନଙ୍କ ମଧ୍ୟରୁ ଅନେକ ଆଖି ବୁଜି ସାରିଲେଣି। ହେଲେ ସରକାର ପୋଲ ସାରିବା ପ୍ରତି ଦୃଷ୍ଟି ଦେଉନି। ଠିକ୍ ସେହିପରି ରେମୁଣା ବ୍ଲକର ନୂଆପାଢି ପଞ୍ଚାୟତର ସୋନ ନଦୀ ଉପରେ ଘୁଙ୍ଗି ଘାଟରେ ହୋଇଥିବା ପୋଲକୁ ଆପ୍ରୋଚ ରୋଡ ହେବା କାମ ଅଟକି ପଡ଼ିଛି। ଜମି ଅଧିଗ୍ରହଣ ନସରିବା କାରଣରୁ ଅଧାରେ ଅଟକି ରହିଛି ଏହି କାମ। ତେଣୁ ଲୋକେ ବାଉଁଶ ଲଗାଇ ଅସ୍ଥାୟୀ ବାଟ କରିଛନ୍ତି। ଏହା ବିପଦସଙ୍କୁଳ ହୋଇଥିଲେ ହେଁ ଅନ୍ୟ ବାଟ ନ ଥିବାରୁ ଲୋକେ ଏହା ଉପରେ ଯାତାୟତ କରୁଛନ୍ତି। ଯାତାୟତ ବେଳେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲେ ସେମାନେ ନିରୁପାୟ।

ନିକଟରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ପଦ୍ମପୁର ପଞ୍ଚାୟତର ବାଙ୍କେଶ୍ୱର ଠାରେ ପାଖାପାଖି ୪ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ସୁଧାଂଶୁ ଶେଖର ପରିଡା। ତେବେ ଏହା କେବେ ସରିବ ସେନେଇ କିଛି ବି ଭାଗ୍ୟ ଭବିଷ୍ୟତ ସ୍ଥିର ହୋଇନି।

ବିଜୁ ସେତୁ ଯୋଜନା ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁ କହିଛନ୍ତି, ରାଜ୍ୟରେ ଜମିଅଧିଗ୍ରହଣ ସହ ଅନ୍ୟାନ୍ୟ ସମସ୍ୟା ପାଇଁ ପାଖାପାଖି ୬୭ ପ୍ରତିଶତ ବିଜୁ ସେତୁ ଅଧାରେ ଅଟକିଛି। କିଭଳି ଭାବେ ଏହି କାମ ସରିବ ସେ ସେଥିପାଇଁ ସେ ସରକାରଙ୍କୁ ପରାମର୍ଶ ଦେବେ।

ସୂଚନା ଥାଉକି, ଆଗକୁ ନିର୍ବାଚନ ଥିବାରୁ ରାଜ୍ୟ ସରକାର ୨୦୨୪-୨୫ ସୁଦ୍ଧା ଆହୁରି ୮୬୬ଟି ବିଜୁ ସେତୁ ପ୍ରକଳ୍ପକୁ କ୍ୟାବିନେଟରେ ମଞ୍ଜୁରି ଦେଇଛନ୍ତି। ରାଜ୍ୟବାସୀଙ୍କୁ ଭୋଟ ଥୋପ ପକାଇଛନ୍ତି। ବିଜୁ ସେତୁ ଯୋଜନାରେ ବ୍ୟାପକ ଅନିୟମିତତା ନେଇ କିଛ ଦିନ ତଳେ ଖୋଦ୍ ସିଏଜି ତାଙ୍କ ରିପୋର୍ଟ ଦେଇଥିଲେ। ରାଜ୍ୟରେ ବିଜୁ ସେତୁର ଭାଗ୍ୟ ଅନିଶ୍ଚିତତା ଭିତରେ ଗତି କରୁଥିବା ବେଳେ ଆଗକୁ ନିର୍ବାଚନକୁ ଅଖିରେ ରଖି ପୁଣି ନୂଆ ସେତୁ ଘୋଷଣା କରିବା କେତେଦୂର ସଫଳ ହେଉଛି ଦେଖିବାର କଥା।

# ଦଦରା ଘରେ ଦୟନୀୟ ସ୍ଥିତିରେ କୁନ୍ତଳା

ସିନାପାଲି (ଭିଓଭି): ଯାହାର ହାତ ଧରି ସଂସାର ଗଢ଼ିଥିଲେ, ସିଏ ଧୋକା ଦେଲା। ଅଧା ରାସ୍ତାରେ ଛାଡ଼ି ଆଉ କାହାର ହାତ ଧରି ଚାଲିଗଲା। ସାତ ଜନମର ଜୀବନ ସାଥୀ ଚାଲି ଚାଲିଗଲା ପରେ ୬ ଛୁଅଙ୍କ ଭାଗ୍ୟ ଗଢ଼ିବାରେ ଲାଗି ପଡ଼ିଲେ କୁନ୍ତଳା ମାଉସୀ। ଛୁଆଙ୍କ ଭବିଷ୍ୟତ ଗଢୁଥିବା ବେଳେ ଧୋକା ଦେଲା ଭାଗ୍ୟ ! ଅକର୍ମଣ୍ୟ ହୋଇଗଲେ ! ଚାଲିବୁଲି ପାରିଲେ ନାହିଁ। ବର୍ତ୍ତମାନ ରୋଗ ଯନ୍ତ୍ରଣାରେ ଜୀବନ ଜୀଉଁଛନ୍ତି ନୂଆଁଣିଆ ଘରେ। ରୋଗୀଣା ମାଆର ଚିକିତ୍ସା ପାଇଁ କିଏ ଦାଦନ ଖଟିବାକୁ ଆନ୍ଧ୍ର ଯାଇଛି ତ ଆଉ କିଏ ଗାଁ ଇଟା ଭାଟିରେ ଶୈଶବକୁ ବାଜି ଲଗାଇଛି। ଜୀବନ ଯନ୍ତ୍ରଣାର ଏ କରୁଣ ଚିତ୍ର ଆସିଛି ନୂଆପଡ଼ା ଜିଲ୍ଲାରୁ।



ସିନାପାଲି ବ୍ଲକ୍ ନୂଆପଡା ଗାଁର କୁନ୍ତଳା ମାଝୀ। ସ୍ୱାମୀ କନେକ ରାମ ଓ ୬ ପୁଅଝିଅଙ୍କୁ ନେଇ ତାଙ୍କ ପରିବାର। କାମଦାମ କରି ଯାହା ଉପାର୍ଜନ କରୁଥିଲେ ସେଥିରେ ଚଳୁଥିଲା କୁନ୍ତଳାଙ୍କ ତେଲ ଲୁଣର ସଂସାର। ପରିବାରକୁ ନେଇ ବେଶ୍ ଖୁସି ଥିଲେ କୁନ୍ତଳା। ହାଠାତ୍ ସେହି ପୂରିଲା ସଂସାରରେ ଲାଗିଲା କାହାର ନଜର। ୧୦ ବର୍ଷ ତଳେ କୁନ୍ତଳାଙ୍କ ବିଶ୍ୱାସରେ ବିଷ ଦେଇ ସ୍ୱାମୀ କନେକ ରାମ ଆଉ କାହା ସହ ଫେରାର ହୋଇଗଲେ। ଗଢ଼ିଥିବା ସଂସାର କଥା ଭୁଲିଗଲେ।

ସ୍ୱାମୀ ପଳାଇଗଲା ପରେ ଭାଙ୍ଗି ପଡ଼ିଲେ କୁନ୍ତଳା। ୬ ପ୍ରାଣୀ କୁଟୁମ୍ବ ମୁହଁରେ ଦାନା କେମିତି ଦେବେ ? ସେହି କଥା ଚିନ୍ତା କରି ଭାଙ୍ଗି ପଡ଼ିଲେ କୁନ୍ତଳା। ହେଲେ ହାର ମାନିଲେ ନାହିଁ। କାମଦାମ କଲେ। ଆଉ ଯାହା ରୋଜଗାର କଲେ ସେଥିରେ ବଡ଼ଝିଅ ଜଏମନୀ, ପୁଅ ଲଳିତ, ଦେବକୀ, ପୂଜା, ରୁଜା ଓ ସଂଜୁଙ୍କ ମୁହଁରେ ଦାନା ଦେଉଥିଲେ। ସବୁ କଷ୍ଟ ଓ ଯନ୍ତ୍ରଣାକୁ ଆଞ୍ଜୁଳାରେ ପିଇ ପିଲାମାନଙ୍କୁ ବଡ଼ କରିବାରେ ଲାଗି ପଡ଼ିଲେ। ଏହାରି ଭିତରେ ବଡ଼ ଝିଅ ବାହାହେବା ବୟସରେ ହୋଇଗଲେ। କଷ୍ଟେମଷ୍ଟେ ଓ ମାଗି ଜାଚି ବଡ଼ଝିଅ ଜାଏମନୀଙ୍କ ବାହାଘର କରାଇ ଥିଲେ। ବଡ଼ ଝିଅ ବାହାଘର ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ କୁନ୍ତଳା। ଶରୀର ଦୁର୍ବଳ ଲାଗିଲା। ଗୋଡ଼ ହାତ ଦରଦ ହେଲା। ତେଣୁ ପିଲାମାନେ ଧାର ଉଧାର କରି କୁନ୍ତଳାଙ୍କୁ ଧର୍ମଗଡ଼ ମେଡ଼ିକାଲ୍ ନେଇଥିଲେ। ମାତ୍ର ସେଠାରୁ କିଛି ସୁଫଳ ମିଳିଲା ନାହିଁ। ପରେ ଭବାନୀପାଟଣା ମେଡ଼ିକାଲ୍ ଓ ନବରଙ୍ଗପୁର ମେଡ଼ିକାଲ୍ ନେଇଥିଲେ। ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ଗୋଡାଏ ଔଷଧ ଖାଇବାକୁ ଦେଲେ। ହେଲେ ରୋଗ ଯନ୍ତ୍ରଣାରୁ ମୁକୁଳି ପାରିଲେ ନାହି କୁନ୍ତଳା। ଅର୍ଥ ଅଭାବରୁ ଅଧିକ ଚିକିତ୍ସା ହୋଇପାରି ନାହିଁ। ଏବେ ସେ ଚାଲି ବୁଲି ପାରୁନାହାନ୍ତି। ଦିନ ରାତି ୨୪ ଘଣ୍ଟା ନୂଆଣିଆ ଚାଳ ଘରେ ଖଟରେ ବସି ଛନ୍ତି। ଦରକାର ପଡ଼ିଲେ କଷ୍ଟରେ ବାଡ଼ି ଧରି କିମ୍ବା ପୁଅ ଝିଅଙ୍କ ସହାୟତାରେ ଧୀରେ ଧୀରେ ଚାଲୁଛନ୍ତି। କିନ୍ତୁ ଘର କାମ କରିପାରୁ ନାହାନ୍ତି।

ବାପା ଚାଲିଗଲେ, ରୋଗୀଣା ମାଆ ବେଡ୍‌ରେ। ସରକାରୀ ଯୋଜନା କହିଲେ ପିଡିଏସ୍ ଚାଉଳ ବାବଦକୁ ୨୦ କିଲୋ ଚାଉଳ ଛଡ଼ା ଆଉ କିଛି ମିଳୁନି। ଏପରି ସ୍ଥିତିରେ ଘର ଚଳିବ କେମିତି ? ତେଣୁ ୧୬ ବର୍ଷୀୟ ସାନ ଭଉଣୀ ପୂଜାକୁ ଧରି ବଡ଼ଭାଇ ଲଳିତ ଚାଲିଗଲେ ଆନ୍ଧ୍ରପ୍ରଦେଶ। ୫ ମାସ ହେଲା ସେଠାରେ ଭାଇ ଓ ଭଉଣୀ ଗୋଟିଏ ଇଟା ଭାଟିରେ କାମ କରୁଛନ୍ତି। ୧୮ ବର୍ଷୀୟ ଦେବକୀ ପର ଘରେ ମୂଳ ଲାଗୁଥିବା ବେଳେ ୧୪ ବର୍ଷର ସଞ୍ଜୁ ଗାଁ ଲୋକଙ୍କ ଜମିରେ ଇଟା ତିଆରି କାମ କରୁଛନ୍ତି। ଘରେ ମାଆ ପାଖେ ପାଖେ ରହୁଛନ୍ତି ରୁଜା। ରୋଷେଇ ବାସ କରିବା ସହ ମାଆଙ୍କ ଦେଖା ରଖା କରୁଛନ୍ତି ରୁଜା। କାମଦାମ କରି ଯାଆ ରୋଜଗାର କରୁଛନ୍ତି, ସେଥିରେ ମାଆର ଚିକିତ୍ସା କରିବା ସହିତ ଭୋକ ମେଣ୍ଟାଉ ଛନ୍ତି।

ସେପଟେ କୁନ୍ତଳାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ଼ ରହିଛି। ହେଲେ ସଚେତନତା ଅଭାବରୁ ସେ କାର୍ଡ଼ ବ୍ୟବହାର କରିପାରୁ ନାହାନ୍ତି। ଏପରିକି କାର୍ଡ ବ୍ୟବହାର କେମିତି କରିବେ ଓ କେଉଁଠି ଯିବେ ଜାଣିପାରୁ ନାହାନ୍ତି। ସବୁଠାରୁ ଦୁଃଖଦ ବିଷୟ ହେଲା ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ଭଙ୍ଗା ଦଦରା ଘରେ ଦୟନୀୟ ସ୍ଥିତିରେ ଜୀବନ ଜିଉଁଛନ୍ତି ପୂରା ପରିବାର।

କୁନ୍ତଳାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡାକ୍ତର ଶ୍ରୀମାନ ସାହୁଙ୍କୁ କହିଛନ୍ତି, ଡାକ୍ତରୀ ଟିମ୍ ପଠାଇ ସମସ୍ୟା ବୁଝିବା ସହିତ ଚିକିତ୍ସାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ କହିଛନ୍ତି, ତଦନ୍ତ କରି ଘର ଯୋଗାଇ ଦେବାର ବ୍ୟବସ୍ଥା କରାଯିବ।

# ପାହାଡ଼ ଚିରି ୮ କିମି ରାସ୍ତା ତିଆରି କଲେ ଗ୍ରାମବାସୀ

କେନ୍ଦୁଝର (ଭିଓଭି): ବାରମ୍ବାର ଗୁହାରି କରି ନୟାନ୍ତ ହେଲେ ଗାଁ ଲୋକ। ହେଲେ ଶୁଣିଲାନି ପ୍ରଶାସନ ! ଶେଷରେ ବଡ଼ ନିଷ୍ପତ୍ତି ନେଲେ ଗାଁ ଲୋକ। ସରକାରଙ୍କ ଉପରେ ଭରସା ହରାଇ ପାହାଡ଼ ଚିରି ନିଜ ଗାଁକୁ ୮ କିଲୋମିଟର ରାସ୍ତା ତିଆରି କଲେ। ଏବେ ରାସ୍ତା କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦୁଝର ଜିଲ୍ଲା ହଦଗଡ଼ ପଞ୍ଚାୟତରେ ଦେଖିବାକୁ ମିଳିଛି ଏହି ଘଟଣା।

ହଦଗଡ଼ ପଞ୍ଚାୟତର ରତ୍ନମରା, ଝୁଣାବାରି, ଦଲକି ଓ ପୀତାନାଉଗାଁରେ ୧୫୦୦ରୁ ଅଧିକ ଲୋକେ ବସବାସ କରନ୍ତି। ଏହି ୪ ଖଣ୍ଡ ଗାଁ ଘଞ୍ଚ ଜଙ୍ଗଲ



ଓ ପାହାଡ଼ ଉପରେ ଅବସ୍ଥାପିତ। ଏହି ଗାଁର ଲୋକମାନଙ୍କୁ ମୁଖ୍ୟ ରାସ୍ତାକୁ ଯିବା ପାଇଁ ରାସ୍ତା ନାହିଁ। ଗ୍ରାମବାସୀ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଚଢ଼ି ୮ କିମି ରାସ୍ତା ପାର କରି ପଞ୍ଚାୟତ କାର୍ଯ୍ୟାଳୟଠୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ଓ ଡାକ୍ତରଖାନାକୁ ଯାଆନ୍ତି। ରାସନ ଚାଉଳ ହେଉ ବା ଅତ୍ୟାବଶ୍ୟକ ସାମଗ୍ରୀକୁ ଗ୍ରାମବାସୀ ମୁଣ୍ଡରେ ମୁଣ୍ଡାଇ ପାହାଡ ଚଢ଼ି ଆଣିଥାନ୍ତି। କାହାର ଦେହ ଖରାପ ହେଲେ ଗ୍ରାମାବାସୀ ଖଟିଆରେ ବୋହି ହଦଗଡ଼ ଆଣିଥାନ୍ତି। ସେଠାରୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନେ ନେଇଥାନ୍ତି। ବର୍ଷା ଦିନେ ଯିବା ଆସିବା କରିବା ପାଇଁ ଗ୍ରାମବାସୀଙ୍କୁ କଷ୍ଟକର ହୋଇପଡ଼ିଥାଏ । ଲଗାଣ ବର୍ଷା ଲାଗି ରହିଲେ ଯିବା ଆସିବା ଏକ ପ୍ରକାର ଠପ୍ ହୋଇଯାଇଥାଏ।

### ରୋହିତ ବେମୁଲା ଆତ୍ମହତ୍ୟା ମାମଲା

# ଏକାଧିକ ବିଜେପି ନେତା ଓ ପୂର୍ବତନ ଭିସିଙ୍କୁ କ୍ଲିନଚିଟ୍

**ନୂଆଦିଲ୍ଲୀ:** ବହୁଚର୍ଚ୍ଚିତ ପିଏଚଡି ଛାତ୍ର ରୋହିତ ବେମୁଲା ଆତ୍ମହତ୍ୟା ଘଟଣାରେ ତେଲଙ୍ଗାନା ପୁଲିସ୍ ତଦନ୍ତ ଶେଷ କରି ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଛି। କ୍ଲୋଜର ରିପୋର୍ଟ ଦାଖଲ କରିବା ସହ ରୋହିତ ବେମୁଲା ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତ ଥିବା ଏକାଧିକ ବିଜେପି ନେତା ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିଙ୍କୁ କ୍ଲିନଚିଟ ମଧ୍ୟ ମିଳିଛି।

ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ଏଚଡି କରୁଥିବା ରୋହିତ ବେମୁଲା ୨୦୧୬ ମସିହା ଜାନୁଆରୀ ମାସରେ ଆତ୍ମହତ୍ୟା କରିଥିଲେ। ଏହାକୁ ପୂରା ଦେଶର ତମ୍ବିତୋଫାନ ଦେଖିବାକୁ ମିଳିଥିଲା। ଜାତି ସମ୍ପର୍କରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଯିବା ଭୟରେ ରୋହିତ ବେମୁଲା ଆତ୍ମହତ୍ୟା କରିଥିଲେ। କାରଣ ସେ ଅନୁସୂଚିତ ଜାତି ବର୍ଗର ପିଲା ନଥିଲେ। କିନ୍ତୁ ତାଙ୍କ ପାଖରେ ଏହାର ନକଲି ପ୍ରମାଣପତ୍ର ଥିଲା। ଏହାକୁ ସେ ଗୋପନ ଭାବେ ରଖିଥିଲେ ବୋଲି ପୁଲିସ୍ ଦାବି କରିଛି।

ରିପୋର୍ଟରେ ହାଇଦ୍ରାବାଦର ପୂର୍ବତନ କୁଳପତି ଆପା ରାଓ, ବିଜେପି ନେତା ତଥା ତତ୍କାଳୀନ ସିକନ୍ଦରାବାଦ ସାଂସଦ ବନ୍ଦାରୁ ଦତ୍ତାତ୍ରେୟ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଏମଏଲସି ରାମଚନ୍ଦ୍ର ରାଓ ଓ ଏକାଧିକ ଏବିଭିପି ନେତାଙ୍କୁ ଦୋଷମୁକ୍ତ କରାଯାଇଛି। ରୋହିତ



ବେମୁଲାଙ୍କ ଆତ୍ମହତ୍ୟା ପଛରେ ଏମାନଙ୍କ ହାତ ନଥିବା କୁହାଯାଇଛି।

ପୁଲିସ୍ କୋର୍ଟରେ ଦାଖଲ କରିଥିବା ରିପୋର୍ଟରେ କହିଛି, ରୋହିତ ବେମୁଲା ଭଲ ଭାବେ ଜାଣିଥିଲେ ଯେ ସେ ଏସ୍‌ସି ସଂପ୍ରଦାୟର ନୁହନ୍ତି। ତାଙ୍କ ମା’ ତାଙ୍କୁ ଗୋଟିଏ ଏସ୍‌ସି ପ୍ରମାଣପତ୍ର ଦେଇଥିଲେ। ସତ ସାମ୍ନାକୁ ଆସିଯିବା ଭୟ ତାଙ୍କୁ ସବୁବେଳେ ଘାରୁଥିଲା।

ଯଦି ସତ ସାମ୍ନାକୁ ଆସିଯିବ, ତା’ହେଲେ ଏତେ ବର୍ଷ ମଧ୍ୟରେ ସେ ହାସଲ କରିଥିବା ସମସ୍ତ ଶିକ୍ଷାଗତ ଡିଗ୍ରୀ ଅକାମୀ ହୋଇଯିବ। ସେହିପରି ସେ ଆଇନ ଜାଲରେ ମଧ୍ୟ ଛନ୍ଦି ହେବାର ଆଶଙ୍କା ଥିଲା। ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ପାଇଁ ବେମୁଲାଙ୍କୁ ଏକାଧିକ କାରଣ ବାଧ୍ୟ କରିଥିଲା। ହେଲେ କୌଣସି ବ୍ୟକ୍ତି ତାଙ୍କୁ ଏଥିପାଇଁ ବାଧ୍ୟ କରିବାର ପ୍ରମାଣ ମିଳିନାହିଁ।

ତେବେ ପୁଲିସ୍‌ର ତଦନ୍ତ ରିପୋର୍ଟକୁ ରୋହିତଙ୍କ ଭାଇ ରାଜା ବେମୁଲା ଗ୍ରହଣ କରି ନାହାନ୍ତି। ପୁଲିସର ଦାବି ଭୁଲ ଓ ସେମାନେ ଏନେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସହାୟତା ନେବେ ବୋଲି କହିଛନ୍ତି।

ସେ କହିଛନ୍ତି, “ଏସବୁ ସଂପୂର୍ଣ୍ଣ ଭୁଲ। ଜଣେ ବ୍ୟକ୍ତିଙ୍କ ଜାତି କେବେ ହେଲେ ଜଣେ ପୁଲିସ୍ ଅଫିସର ଚିହ୍ନଟ କରିପାରିବେ ନାହିଁ। ଆମେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ଭେଟିବୁ। ଆମେ ଗୋଟିଏ ବିରୋଧ ପିଟିସନ ଦାଖଲ କରିବୁ। ଏଥିସହ ଅନ୍ୟ ବିକଳ୍ପର ବ୍ୟବହାର ମଧ୍ୟ କରାଯିବ।”

### ଦିଲ୍ଲୀ ଅବକାରୀ ନୀତି ମାମଲା

# ଆପ୍‌କୁ ‘ଲାଞ୍ଚ’ ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ବାନ୍ଧିଲା ଇଡି

**ନୂଆଦିଲ୍ଲୀ:** ପ୍ରତ୍ୟାହାର ହୋଇ ସାରିଥିବା ଦିଲ୍ଲୀ ଅବକାରୀ ନୀତି ‘ଦୁର୍ନୀତି’ ମାମଲାରେ ଆଜି ଇଡି କ୍ୟାଶ କୋରିୟର ବିନୋଦ ଚୌହ୍ୱାନଙ୍କୁ ଗିରଫ କରିଛି। ବିନୋଦ ସାଉଥ ଗ୍ରୁପ ଠାରୁ ଅବକାରୀ ନୀତିର ‘ଲାଞ୍ଚ’ ଟଙ୍କା ଆଣି ଆପ୍‌କୁ ଦେଇଥିଲେ। ଆପ୍‌ର ଗୋଆ ନିର୍ବାଚନ ଖର୍ଚ୍ଚ ଲାଗି ସେ ଲାଞ୍ଚ ଟଙ୍କା ଦେଇଥିଲେ ବୋଲି ଇଡି ଦାବି କରିଛି।

ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କ ବିରୋଧରେ ଇଡି ଖୁବଶୀଘ୍ର ଚାର୍ଜଶିଟ୍ ଦାଖଲ କରିବ। ଏହାପୂର୍ବରୁ ହିଁ ଲାଞ୍ଚ ଟଙ୍କା ଆପ୍‌କୁ ଦେବା ଅଭିଯୋଗରେ ଇଡି ବିନୋଦଙ୍କୁ ବାନ୍ଧିଛି। ଉଭୟ କେଜ୍ରିୱାଲ ଓ କବିତା ଏବେ ତିହାର ଜେଲର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଉଭୟ ନିଜ ନିଜର ଗିରଫଦାରୀକୁ କୋର୍ଟରେ ଚ୍ୟାଲେଞ୍ଜ ମଧ୍ୟ କରିଛନ୍ତି। ଏହାପୂର୍ବରୁ ମାମଲାର ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିବା ଇଡି ଦାବି କରିଥିଲା ଯେ ବିନୋଦ ହିଁ କବିତାଙ୍କ ସହଯୋଗୀଙ୍କ ଠାରୁ ଟଙ୍କା ବ୍ୟାଗ ସଂଗ୍ରହ କରିଥିଲେ। ଏହାପରେ ଏହାକୁ ହାୱାଲା ରାକେଟ ଦ୍ୱାରା ଗୋଆର ଆପ ନେତାମାନଙ୍କ ପାଖକୁ ପଠାଯାଇଥିଲା। କେ କବିତାଙ୍କ ଜଣେ କର୍ମଚାରୀ ତାଙ୍କ ବିବୃତିରେ ଏକଥାକୁ ସ୍ୱୀକାର କରିଛନ୍ତି। କର୍ମଚାରୀ ଜଣଙ୍କ କହିଛନ୍ତି ଯେ ମାମଲାର ଅନ୍ୟତମ ଅଭିଯୁକ୍ତ ଦୀନେଶ ଅରୋରାଙ୍କ ଅଫିସରୁ ଅଭିଷେକ ବୋଇନପାଲ୍ଲୀଙ୍କ ନିର୍ଦ୍ଦେଶରେ ସେ ଦୁଇ ବଡ଼ବଡ଼ ଟଙ୍କା ବ୍ୟାଗ କଲେକ୍ଟ କରିଥିଲେ। ଏହାପରେ ଉକ୍ତ ଦୁଇ ବ୍ୟାଗକୁ ବିନୋଦ ଚୌହ୍ୱାନଙ୍କୁ ଦେଇଥିଲେ।

ଇଡିର କହିବା କଥା ଯେ ଅବକାରୀ ନୀତି ଦୁର୍ନୀତି ମାମଲାରେ କେଜ୍ରିୱାଲ ହେଉଛନ୍ତି କିଙ୍ଗପିନ୍। ୨୦୨୨ରେ ଏହି ମାମଲାରୁ ସଂଗ୍ରହ କରାଯାଇଥିବା ଲାଞ୍ଚ ମଧ୍ୟରୁ ୪୫ କୋଟି ଟଙ୍କା ଆପର ଗୋଆ ନିର୍ବାଚନ ପ୍ରଚାରରେ ବ୍ୟବହାର ହୋଇଥିଲା।

# କେଜ୍ରିୱାଲଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଦିଲ୍ଲୀ ଅବକାରୀ ନୀତି ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଶ୍ୱସ୍ତି ମିଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ସୁପ୍ରିମକୋର୍ଟ।



ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଆଜି କହିଛନ୍ତି ଯେ ସେମାନେ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ଅର୍ଥାତ ମେ’ ୭ ତାରିଖରେ କରିବେ। ସେହିଦିନ ଦୁଇ ପକ୍ଷର ଓକିଲଙ୍କ ଯୁକ୍ତି ଶୁଣିବେ। ଏଥିପାଇଁ ଇଡି ଓ କେଜ୍ରିୱାଲଙ୍କ ଓକିଲଙ୍କୁ ପ୍ରସ୍ତୁତ ହୋଇ ଆସିବାକୁ ଖଣ୍ଡପୀଠ କହିଛନ୍ତି।

ଖଣ୍ଡପୀଠ କହିଛନ୍ତି, କେଜ୍ରିୱାଲ ଇଡିର ଗିରଫଦାରୀ ଓ ତାଙ୍କୁ ରିମାଣ୍ଡରେ ନେବା ବିରୋଧରେ ଆବେଦନ କରିଛନ୍ତି। ଏହି ମୁଖ୍ୟ ମାମଲା ଉପରେ ଶୁଣାଣି ଅଧିକ ସମୟ ଲାଗିପାରେ। ଯଦି ମୁଖ୍ୟ ମାମଲାର ଶୁଣାଣି ଅଧିକ ସମୟ ଲାଗିବ, ତା’ହେଲେ ଆମେ ମଙ୍ଗଳବାର ଅନ୍ତରୀଣ ଜାମିନ ଉପରେ ଶୁଣାଣି କରିପାରୁ। ଏଥିପାଇଁ ଇଡି ଓକିଲ ପ୍ରସ୍ତୁତ ହୋଇ ଆସନ୍ତୁ। ଏବେ ଦେଶରେ ନିର୍ବାଚନ ପର୍ବ ଚାଲିଛି। ତେଣୁ ସର୍ବୋଚ୍ଚ ଅଦାଲତ ଅନ୍ତରୀଣ ଜାମିନ ଉପରେ ଯୁକ୍ତି ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ଏହାର ଅର୍ଥ ସମ୍ଭବତଃ କେଜ୍ରିୱାଲଙ୍କୁ ଆସନ୍ତା ୭ ତାରିଖରେ ଜାମିନ ମିଳିପାରେ।

# ‘ସାତ ଫେରା ବିନା ବୈଧ ନୁହେଁ ବିବାହ’

**ନୂଆଦିଲ୍ଲୀ:** ବିବାହ କୌଣସି ବ୍ୟବସାୟିକ ନେଣ-ଦେଣ ପ୍ରକ୍ରିୟା ନୁହେଁ। ଏହା କେବଳ ନାଚଗୀତ ସହ ଖିଆପିଆ ଓ ମଜାମସ୍ତି କରିବାର ଅବସର ନୁହେଁ। ହିନ୍ଦୁ ଧର୍ମ ଅନୁଯାୟୀ ବିବାହ ଏକ ପବିତ୍ର ଅନୁଷ୍ଠାନ । ତେଣୁ ଆଜିର ଯୁବବର୍ଗ ଏହି ଅନୁଷ୍ଠାନରେ ପ୍ରବେଶ ପୂର୍ବରୁ ଏହାର ମୂଲ୍ୟବୋଧ ସମ୍ପର୍କରେ ଗଭୀର ଭାବେ ଚିନ୍ତା କରିବା ଆବଶ୍ୟକ ।



କାରଣ ହିନ୍ଦୁ ଧର୍ମ ଅନୁଯାୟୀ ହେଉଥିବା ବିବାହକୁ ବୈଧ କରିବା ନିମନ୍ତେ ଏଥିରେ ପାଳନ ହେଉଥିବା ସମସ୍ତ ରୀତିନୀତିକୁ ମାନିବା ତଥା ପାଳନ କରିବା ଆବଶ୍ୟକ । ଅଗ୍ନିକୁ ସାକ୍ଷୀ ରଖି ତା’ ଚାରିପଟେ ସାତ ଥର ପ୍ରଦକ୍ଷଣ କଲେ ଉଭୟ ଯୁବକଯୁବତୀ ୭ ଜନ୍ମ ପାଇଁ ପରସ୍ପରର ସୁଖଦୁଃଖର ସାଥୀ ପାଲଟି ଥାଆନ୍ତି। ତେଣୁ ସାତ ଫେରା ବିନା ବିବାହ ବୈଧ ନୁହେଁ ବୋଲି ସଫା ସଫା ଶୁଣାଇ ଦେଇଛନ୍ତି ସୁପ୍ରିମ କୋର୍ଟ। କେବଳ ସାତ ଫେରା ନୁହେଁ, ବିବାହ ସମୟରେ ଛୋଟ ଛୋଟ ନୀତି ନିୟମକୁ ମଧ୍ୟ ପାଳନ କରିବା ଉଚିତ, ନଚେତ ଏହାକୁ ବୈଧ ଭାବେ ବିବେଚନା କରାଯିବନି ବୋଲି ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ।

ହିନ୍ଦୁ ବିବାହ ଅଧିନିୟମ ୧୯୫୫ ଅନୁଯାୟୀ, ସୁପ୍ରିମକୋର୍ଟ ହିନ୍ଦୁ ବିବାହକୁ ବୈଧ ଘୋଷଣା ନିମନ୍ତେ ଆଇନଗତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରେ ବିବାହକୁ ନେଇ କୌଣସି ଆଇନଗତ ସମସ୍ୟା ଉପୁଜିଲେ ଏହି ସବୁ ପ୍ରମାଣକୁ ଗୁରୁତ୍ୱାରୋପ କରାଯିବ ବୋଲି କହିଛନ୍ତି ବିଚାରପତି ବି. ନାଗରତ୍ନା ।

ବିବାହ ପରେ ଉଭୟ ଯୁବକଯୁବତୀ ପତିପତ୍ନୀର ମାନ୍ୟତା ପ୍ରାପ୍ତ କରିଥାନ୍ତି। ଏହାପରେ ସେମାନେ ପରିବାର ଗଠନ କରିଥାନ୍ତି ଯାହାକି ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ତେଣୁ ବିବାହ କେବଳ ଯୌତୁକ ଦେବା କିମ୍ବା ଉପହାର ଆଦାନପ୍ରଦାନର ଅବସର ନୁହେଁ। ଏହା କୌଣସି ବ୍ୟବସାୟିକ ଚୁକ୍ତିନାମା ବି ନୁହେଁ। କାରଣ ବିବାହ ଏପରି ଏକ ଅନୁଷ୍ଠାନ ଯାହାକୁ ଆଧାର କରି ପତିପତ୍ନୀ ସାରା ଜୀବନ ଏକସଙ୍ଗେ ବାଟ ଚାଲିଥାନ୍ତି, ପରିବାର ବିକଶିତ କରିଥାନ୍ତି। ତେଣୁ ବିବାହ ପରି ପବିତ୍ର ବନ୍ଧନରେ ବାନ୍ଧି ହେବା ସମୟରେ ଏହାର ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ସହ ସମସ୍ତ ନୀତିନୀୟମକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**
6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର